ଷୋଡ଼ଶ ବର୍ଷରେ ପଦାର୍ପଣ

ଶିକ୍ଷା, ସଂସ୍କୃତି ଓ ପ୍ରଗତିଭିତ୍ତିକ ସମ୍ବାଦପତ୍ର

Tejaswini

# ତେଜସ୍ୱିନୀ

Page - 08 Rs. 7.00

ବର୍ଷ-୧୬, ସଂଖ୍ୟା-୨୭, ଭୁବନେଶ୍ୱର: ଜୁଲାଇ ୧୪-୨୦, ୨୦୨୫ Vol-16, Issue-27, Bhubaneswar : July 14-20, 2025

RNI NO.ODIODI/2010/33715

## ‘ସମ୍ବିଧାନ ବଞ୍ଚାଅ’ ମହାସମାବେଶରେ ରାହୁଲ ଗାନ୍ଧୀ

ଭୁବନେଶ୍ୱର: ଓଡ଼ିଶାରେ ଏବେ ବିଜେପି ମଡେଲ୍। ଜନସାଧାରଣଙ୍କ ସମ୍ପତ୍ତି ଚାଲିଛି ଲୁଟ୍। ପାଞ୍ଚରୁ ଛଅ କମ୍ପାନୀଙ୍କ ହାତରେ ରାଜ୍ୟର ଦୁର୍ମୂଲ୍ୟ ସମ୍ପତ୍ତି ଟେକି ଦିଆଯାଉଛି। ପ୍ରଥମେ ବିଜେଡି ଏହି କାମ କରୁଥିଲା, ଆଉ ଏବେ ବିଜେପି ତାହା କରୁଛି। ଗୋଟିଏ ପଟେ ରାଜ୍ୟର ଗରିବ ଲୋକ, ଦଳିତ, ଚାଷୀ, ମଜୁରିଆ ନିଜ ହକ୍ ପାଇଁ ଲଢ଼େଇ କରୁଛି, ଆଉ ଅନ୍ୟପଟେ ସେଇ ଚର୍ଚ୍ଚିତ ଆରବପତି କମ୍ପାନୀମାନଙ୍କୁ ସୁରକ୍ଷା ଦେଉଛନ୍ତି ସରକାର। ମାତ୍ର କଂଗ୍ରେସ ଓଡ଼ିଶା ଜନତାଙ୍କ ସହ ରହିଛି। ଜନତାଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଲଢ଼େଇ ଜାରି ରଖିଛି, ଆଗକୁ ବି ଶାଣିତ ଲଢ଼େଇ ଜାରି ରହିବ। ଯେତେବେଳେ ବି ଯାହା ହେବ, ଆପଣ ମୋତେ ଡାକିଲେ ମୁଁ ପୁଣି ଆସି ଆପଣଙ୍କ ସହ ଛିଡ଼ା ହେବି। ଏଭଳି ପ୍ରତିଶ୍ରୁତି ଦେଇଛନ୍ତି ଲୋକସଭାର ବିରୋଧୀ ଦଳ ନେତା ତଥା ବରିଷ୍ଠ କଂଗ୍ରେସ ନେତା ରାହୁଲ ଗାନ୍ଧୀ।

ସ୍ଥାନୀୟ ବରମୁଣ୍ଡା ଖେଳପଡ଼ିଆରେ ଆୟୋଜିତ କଂଗ୍ରେସର ‘ସମ୍ବିଧାନ ବଞ୍ଚାଅ’ ମହାସମାବେଶରେ ଯୋଗଦେଇ ରାହୁଲ ଗାନ୍ଧୀଙ୍କ ସହ ଏଆଇସିସିର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ ଓ ସାଧାରଣ ସମ୍ପାଦକ କେସି ବେଣୁଗୋପାଳ ଯୋଗଦେଇଥିଲେ। ବିଶାଳ ଜନସମାଗମକୁ ଉଦ୍‌ବୋଧନ ଦେଇ ରାହୁଲ ଆରମ୍ଭରୁ ବିଜେପିର ଡବଲ୍ ଇଞ୍ଜିନ୍ ସରକାରଙ୍କ ଉପରେ ବର୍ଷିଥିଲେ। ଚାଷୀ ଓ ଆଦିବାସୀଙ୍କ ପ୍ରସଙ୍ଗ ଉତ୍ଥାପନ କରି ରାହୁଲ କହିଛନ୍ତି ଯେ ଜଳ, ଜମି, ଜଙ୍ଗଲ ଅସୁରକ୍ଷିତ। ଆଶଙ୍କାରେ ଆଦାବିସୀ। ଆଦିବାସୀ, ଚାଷୀ, ଗରିବ ଯାହା ଉପରେ ସରକାର ଅତ୍ୟାଚାର କରୁଛନ୍ତି। ଆପଣଙ୍କ ଧନ, ଜନ, ଭୂମି ଲୁଟ୍ ହେବାରେ ଲାଗିଛି। କ୍ଷତିପୂରଣ ନଦେଇ ଡରାଉଛନ୍ତି, ଧମକ ଦେଉଛନ୍ତି ଏବଂ ମିଛ ପ୍ରତିଶ୍ରୁତି ଦେଇ ଭଣ୍ଡାଉଛନ୍ତି। ଉଲ୍ଲେଖନୀୟ ଯେ ଡ୍ରାଇଭର୍ ମହାସଂଘର ଷ୍ଟିଆରିଂ ଛାଡ଼ ଆନ୍ଦୋଳନ ଯୋଗୁଁ କଂଗ୍ରେସ ସମସ୍ୟାର ସମ୍ମୁଖୀନ ହୋଇଥିଲା। ଏଥିପାଇଁ ସମାବେଶ ଦିନ ଆନ୍ଦୋଳନ ସ୍ଥଗିତ ସହ ସହଯୋଗ ପାଇଁ ପ୍ରଦେଶ କଂଗ୍ରେସ କମିଟି ଅଧ୍ୟକ୍ଷ ଭକ୍ତଚରଣ ଦାସ ଅପିଲ୍ କରିଥିଲେ। ଡ୍ରାଇଭର୍ ସଂଘର ସହଯୋଗ ଜରୁରୀ ବୋଲି ସେ କହିବା ପରେ ସେମାନେ ସହଯୋଗର ହାତ ବଢ଼ାଇ ଥିଲେ। ଫଳରେ ସାରା ରାଜ୍ୟରୁ ହଜାର ହଜାର କଂଗ୍ରେସ ନେତା ଓ କର୍ମୀ ଉକ୍ତ ସମାବେଶରେ ଯୋଗଦେଇ ପାରିଛନ୍ତି।

## ଚଳିତ ବର୍ଷର ଟାର୍ଗେଟ୍ ୫୦ ମିଲିଅନ୍ ଟନ୍ ଖଣିଜ ଉତ୍ପାଦନ

# ୨୦୨୬ ମେ’ ସୁଦ୍ଧା ଓଏମ୍‌ସି ପେଲେଟ୍ ପ୍ରକଳ୍ପ

ଭୁବନେଶ୍ୱର: ଓଡ଼ିଶା ଖଣି ନିଗମ ବା ଓଏମ୍‌ସି ୨୦୨୬ ମେ’ ମାସ ସୁଦ୍ଧା ଆରମ୍ଭ କରିବ ପେଲେଟ୍ ପ୍ରକଳ୍ପ। ସେହିପରି ୨୦୨୫-୨୬ ଆର୍ଥିକ ବର୍ଷରେ ଓଏମ୍‌ସି ୫୦ ମିଲିଅନ୍ ଟନ୍ ଖଣିଜ ପଦାର୍ଥ ଉତ୍ପାଦନ କରିବା ସହିତ ୩୦ ହଜାର କୋଟି ଟଙ୍କାର ବିକ୍ରୟ ରାଜସ୍ୱ ହାସଲ କରିବାର ଲକ୍ଷ୍ୟ ରଖିଛି। ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।



ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଓଡ଼ିଶା ଖଣି ନିଗମ କାର୍ଯ୍ୟକ୍ରମର ଏକ ସମୀକ୍ଷା ବୈଠକରେ ଏନେଇ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଖଣିଜ ପଦାର୍ଥ ଉତ୍ପାଦନ ବୃଦ୍ଧି ପାଇଁ ବିଭିନ୍ନ ପଦକ୍ଷେପ ସହ ବିଭିନ୍ନ ଖଣି ଅଞ୍ଚଳର ଅବଧି ବୃଦ୍ଧି, ପରିବେଶ ଅନୁମୋଦନ, ନୂତନ ଖଣି କାର୍ଯ୍ୟକ୍ଷମ କରିବା ଆଦି ବିଭିନ୍ନ ବିଷୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଶେଷ କରି ବକ୍ସାଇଟ୍ ଉତ୍ପାଦନ ବୃଦ୍ଧି ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ମୁଖ୍ୟମନ୍ତ୍ରୀ କହିଛନ୍ତି, ଚଳିତବର୍ଷ ବକ୍ସାଇଟ୍ ଉତ୍ପାଦନ ଲକ୍ଷ୍ୟ ୩.୬ ମିଲିଅନ ଟନ୍ ଥିବାବେଳେ ଆଗାମୀ ବର୍ଷରେ ଏହାକୁ ୬ ମିଲିଅନ୍ ଟନ୍‌କୁ ବୃଦ୍ଧି କରିବାର ଲକ୍ଷ୍ୟ ରଖାଯାଇଛି। ଖଣି ଅଞ୍ଚଳରେ ଜଙ୍ଗଲ ସମ୍ପଦର ଅଭିବୃଦ୍ଧି, ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଜରିଆରେ ସ୍ଥାନୀୟ ଲୋକଙ୍କ ଜୀବିକା ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ରହିଛି। ଖଣି ଅଞ୍ଚଳର ବିକାଶ ପାଇଁ ରହିଥିବା ବିଭିନ୍ନ ଯୋଜନାର କନ୍‌ଭରଜେନ୍‌ସ ମାଧ୍ୟମରେ ଏହା ହାସଲ କରାଯାଇପାରିବ। ଏଥିପାଇଁ ଓଏମ୍‌ସି ପକ୍ଷରୁ ଏକ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯିବ। ଓଏମ୍‌ସି ପକ୍ଷରୁ ଏକ ପେଲେଟ୍ ପ୍ଲାଣ୍ଟ ସ୍ଥାପନ କରିବା ପାଇଁ ମୁଖ୍ୟମନ୍ତ୍ରୀ ପୂର୍ବରୁ ଯେଉଁ ପ୍ରସ୍ତାବ ଦେଇଥିଲେ ସେ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ବୈଠକରେ ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଏବଂ ଓଡ଼ିଶା ଖଣି ନିଗମର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବଦଳିଲା ପଞ୍ଚମ ଓ ଅଷ୍ଟମଶ୍ରେଣୀ ପରୀକ୍ଷା ଢାଞ୍ଚା

**ଭୁବନେଶ୍ୱର:** ଓଡ଼ିଶା ସରକାରଙ୍କ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଅଧିନିୟମ, ୨୦୧୦ରେ ସଂଶୋଧନ କରାଯାଇ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର (ସଂଶୋଧନ) ଅଧିନିୟମ-୨୦୨୫ ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରାଯାଇଛି। ନୂତନ ସଂଶୋଧନ ଅନୁଯାୟୀ ପ୍ରତ୍ୟେକ ଶିକ୍ଷାବର୍ଷ ଶେଷରେ ପଞ୍ଚମ ଏବଂ ଅଷ୍ଟମଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ଏକ ଶୃଙ୍ଖଳିତ ପରୀକ୍ଷା ବ୍ୟବସ୍ଥା ପ୍ରଚଳନ କରାଯିବ। ଏହି ପଦକ୍ଷେପ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ଅଧିକ ସକ୍ଷମ କରିବାକୁ ଚେଷ୍ଟା କରାଯିବ। ପରବର୍ତ୍ତୀ ଶ୍ରେଣୀକୁ ଯିବା ପୂର୍ବରୁ ଛାତ୍ରଟିଏ ଯେପରି ତାହାର ମୌଳିକ ଶିକ୍ଷାସ୍ତର ହାସଲ କରିପାରିବ ସେ ନେଇ ପ୍ରୟାସ କରାଯାଇଛି। ପଞ୍ଚମ ଏବଂ ଅଷ୍ଟମଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀଙ୍କୁ ଏବେ ବାର୍ଷିକ ପରୀକ୍ଷା ଦେବାକୁ ପଡ଼ିବ। ଯଦି କୌଣସି ପିଲା ଏହି ପରୀକ୍ଷାରେ ବିଫଳ ହୁଅନ୍ତି, ତେବେ ଫଳାଫଳ ଘୋଷଣାର ଦୁଇ ମାସ ମଧ୍ୟରେ ପୁନଃ ପରୀକ୍ଷା ପାଇଁ ସୁଯୋଗ ପ୍ରଦାନ କରାଯିବ। ପୁନଃ ପରୀକ୍ଷା ପରେ ମଧ୍ୟ ଆବଶ୍ୟକୀୟ ପଦୋନ୍ନତି ମାନଦଣ୍ଡ ପୂରଣ କରିବାରେ ବିଫଳ ହେଉଥିବା ଛାତ୍ରଛାତ୍ରୀମାନଙ୍କୁ ସମାନ ଶ୍ରେଣୀରେ ରଖାଯାଇପାରିବ। ସଂଶୋଧନ ମାଧ୍ୟମରେ ସ୍ପଷ୍ଟ କରାଯାଇଛି ଯେ ପ୍ରାଥମିକ ଶିକ୍ଷା ସମାପ୍ତ ନହେବା ପର୍ଯ୍ୟନ୍ତ କୌଣସି ପିଲାଙ୍କୁ ବିଦ୍ୟାଳୟରୁ ବହିଷ୍କାର କରାଯିବ ନାହିଁ। ଏହି ସଂଶୋଧନ ଶିଶୁଙ୍କ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ, ୨୦୦୯ର ଧାରା ୩୮ ସହିତ ସମନ୍ୱିତ। ଏହା ଓଡ଼ିଶା ଗେଜେଟ୍‌ରେ ପ୍ରକାଶିତ ହେବା ପରେ କାର୍ଯ୍ୟକାରୀ ହେବ। ଏହି ପରିବର୍ତ୍ତନ ଶିକ୍ଷାଗତ ମାନ ବୃଦ୍ଧି କରିବା ସହ କୌଣସି ଶିଶୁ ଯେପରି ଶିକ୍ଷା ଅଧିକାରରୁ ବଞ୍ଚିତ ନହେବେ ସେ ନେଇ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବ।

TEJASWINI NEWS · ତେଜସ୍ୱିନୀ

ଶୁଭେଚ୍ଛା

TEJASWINI FOUNDATION TRUST

“ତେଜସ୍ୱିନୀ ଫାଉଣ୍ଡେସନ ଟ୍ରଷ୍ଟ”ର ତୃତୀୟ ବାର୍ଷିକ ଉତ୍ସବ ଏବଂ ତେଜସ୍ୱିନୀ ସାପ୍ତାହିକ ଖବର କାଗଜର ‘ଡିଜିଟାଲ ମିଡିଆ’ ଲୋକାର୍ପଣ ଉତ୍ସବ ଅବସରରେ ସମସ୍ତ ପାଠକ, ପାଠିକାମାନଙ୍କୁ ଅଶେଷ ଅଶେଷ ଧନ୍ୟବାଦ ଏବଂ ଏହାର କର୍ମକର୍ତ୍ତା, ସଦସ୍ୟମାନଙ୍କୁ ଶୁଭେଚ୍ଛା।

ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି କାମନା
ଏହାର କଳେବର ଏମିତି ବୃଦ୍ଧି ପାଉଥାଉ...

ସଭାପତି
ଶ୍ରୀଯୁକ୍ତ ଯତୀନ୍ଦ୍ର ନାଥ ଦାସ
ତେଜସ୍ୱିନୀ ଫାଉଣ୍ଡେସନ ଟ୍ରଷ୍ଟ

## ଭୁଶୁଡ଼ିଲା ୪୩ବର୍ଷର ପୋଲ, ୧୧ ମୃତ

ବଡ଼ୋଦରା : ଗୁଜରାଟ ବଡ଼ୋଦରା ଜିଲ୍ଲା ପାଦରା ତାଲୁକାର ମୁଜାପୁର ଅଞ୍ଚଳରୁ ଏକ ଦୁର୍ଭାଗ୍ୟଜନକ ଘଟଣା ନଜରକୁ ଆସିଛି। ଉକ୍ତ ଅଞ୍ଚଳ ଦେଇ ପ୍ରବାହିତ ମହିସାଗର ନଦୀ ଉପରେ ୪୩ବର୍ଷର ଏକ ପୁରୁଣା ପୋଲ ହଠାତ୍ ଭୁଶୁଡ଼ି ପଡ଼ିବା ଫଳରେ ଅନେକ ଗାଡ଼ିମୋଟର ନଦୀରେ ଖସି ପଡ଼ିଛି। ଫଳରେ ଗୋଟିଏ ପରିବାରର ୩ ସଦସ୍ୟଙ୍କ ସମେତ ମୋଟ୍ ୧୧ଜଣ ପ୍ରାଣ ହରାଇଥିବା ବେଳେ ୯ ଜଣ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ଆହତଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ୪୩ ବର୍ଷର ଏହି ପୁରୁଣା ପୋଲ ଆନନ୍ଦ ଜିଲ୍ଲାର ମୁଜାପୁରକୁ ଗମ୍ଭୀରା ଏବଂ କେନ୍ଦ୍ରୀୟ ଗୁଜରାଟକୁ ସୌରାଷ୍ଟ୍ର ସହିତ ସଂଯୋଗ କରୁଥିଲା। ଏହି ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ୍ ପ୍ରମୁଖ ଏକ୍ସ’ ଯୋଗେ ପୋଷ୍ଟକରି ଗଭୀର ଶୋକବ୍ୟକ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ‘ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠି’ରୁ ମୃତକଙ୍କ ପରିବାର ପାଇଁ ୨ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ସେହିପରି ଆହତମାନଙ୍କୁ ମଧ୍ୟ ୫୦ହଜାର ଲେଖାଏଁ ଆର୍ଥିକ ସହାୟତା ମିଳିବ ବୋଲି ପ୍ରଧାନମନ୍ତ୍ରୀ କହିବା ସହ ଆହତମାନଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ପୋଲର ଯେଉଁ ଅଂଶ ଭୁଶୁଡ଼ି ପଡ଼ିଛି, ତାହା ଉପରେ ପ୍ରାୟ ୫ଟି ଗାଡ଼ି ଯାତାୟାତ କରୁଥିଲେ। ଆଗକୁ ପଛକୁ ମଧ୍ୟ ଅନେକ ଗାଡ଼ି ରହିଥିଲେ। ତେବେ ହଠାତ୍ ପୋଲ ଭୁଶୁଡ଼ି ପଡ଼ିବା ଯୋଗୁ ପୋଲର ସେହି ଭାଗରେ ଥିବା ସମସ୍ତ ଯାନବାହନ ସିଧାସଳଖ ନଦୀରେ ଖସି ପଡ଼ିଥିଲା। ବଡ଼ୋଦରା ଏସ୍‌ପି ରୋହନ୍ ଆନନ୍ଦ କହିଛନ୍ତି, ପୋଲର ଏକ ଅଂଶ ହଠାତ୍ ଭୁଶୁଡ଼ି ପଡ଼ିବା ପରେ ଦୁଇଟି ଟ୍ରକ୍, ଗୋଟିଏ ଇକୋ ଭ୍ୟାନ୍, ଗୋଟିଏ ପିକ୍‌ଅପ୍ ଭ୍ୟାନ୍ ଏବଂ ଗୋଟିଏ ଅଟୋ-ରିକ୍ସା ନଦୀରେ ଖସିପଡ଼ିଛି। ଏ ସମ୍ପର୍କରେ ସୂଚନା ମିଳିବା ମାତ୍ରେ ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ(ଏନ୍‌ଡିଆର୍‌ଏଫ୍) ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ (ଏସ୍‌ଡିଆର୍‌ଏଫ୍) କର୍ମଚାରୀମାନେ ସର୍ଚ୍ଚ ଅପରେସନ୍ ଚଳାଇଥିଲେ।

ତେଜସ୍ୱିନୀ

ବିଶେଷ ଦୃଷ୍ଟି ଆକର୍ଷଣ

- ଚାମୁଣ୍ଡେଶ୍ୱରୀ ମନ୍ଦିର
- ୬୦୦ ବର୍ଷର ପୁରୁଣା ମନ୍ଦିର
- ଇଲେକ୍‌ଟ୍ରିକ୍ ଏୟାରକ୍ରାଫ୍ଟ
- ଭୂତ କଣ୍ଢେଇ

# ‘ପ୍ରତିବାଦ’ ଗଣତନ୍ତ୍ର ପରିପନ୍ଥୀ ନ ହେଉ !

ପୃଥିବୀର ସର୍ବ ଜନାଦୃତ ଶାସନ ବ୍ୟବସ୍ଥା ଭାବେ ଗଣତନ୍ତ୍ର ସ୍ୱୀକୃତ। ଏଥିରେ ଦ୍ୱିମତ ହେବାର ଅବକାଶ ନାହିଁ। ଭାରତ ଭଳି ବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଏହି ଦୃଷ୍ଟିରୁ ବେଶ ତାତ୍ପର୍ଯ୍ୟପୂର୍ଣ୍ଣ। ‘ବସୁଧୈବ କୁଟୁମ୍ବକମ୍’ ବାର୍ତ୍ତାର ପ୍ରଚାରକ ଭାବେ ଆମେ ଭାରତବାସୀ ଗର୍ବ ଅନୁଭବ କରୁ। ତେବେ ବେଳେବେଳେ ଆମର ଇଚ୍ଛାକୃତ ଅନିଚ୍ଛାକୃତ ଆଚରଣ ଆମକୁ ଆମ ଗଣତାନ୍ତ୍ରିକ ମୂଲ୍ୟବୋଧ ଠାରୁ ଦୂରେଇଦିଏ ଏବଂ ଏଥିପାଇଁ ଆମକୁ ସବୁଠି ନିନ୍ଦିତ ହେବାକୁ ପଡେ। ଗଣତନ୍ତ୍ରରେ ପ୍ରତିବାଦ କରିବାର ଅଧିକାର ଓ ସ୍ୱତନ୍ତ୍ରତା ଦିଆଯାଇଛି ମାତ୍ର ତାହା ସୀମା ଭିତ୍ତିକ ରହିଲେ ଗଣତନ୍ତ୍ରର ସୁନ୍ଦରତା ଓ ଏହା ମୂଲ୍ୟ ଭିତ୍ତିକ ହେବ। କିନ୍ତୁ ଆମେ କେବେ କେବେ ଏହି ପ୍ରତିବାଦକୁ ଲକ୍ଷ୍ୟଭିତ୍ତିକ ଧାରଣାରେ ସୀମିତ ରଖି ଅସୀମିତ ଲୋକଙ୍କ ସ୍ୱାର୍ଥପରଟି ଅଣଦେଖା କରିଥାଉ ଯାହା ସାଧାରଣରେ ଏକ ନକରାତ୍ମକ ଧାରଣା ସୃଷ୍ଟିକରେ ଏବଂ ଗଣତନ୍ତ୍ରର ପରିପନ୍ଥୀ ଭାବେ ପରିଚିତ କରାଏ। ଆଜିର ସ୍ୱତନ୍ତ୍ର ବିଶେଷାଙ୍କ ପ୍ରକାଶ କଲାବେଳେ ମୋ ମନକୁ ଏହା ଆନ୍ଦୋଳିତ କଲା। ଆମ ପ୍ରତିବାଦ କରିବାର ତରିକା ବା ଉଦ୍ଦେଶ୍ୟ ଗଣତନ୍ତ୍ର ପରିପନ୍ଥୀ ନୁହେଁ ତ। ଏଥିରେ ପ୍ରତ୍ୟେକଙ୍କ ପ୍ରତି ଆହ୍ୱାନ ରହିଛି। ନିର୍ଦ୍ଦିଷ୍ଟ ଲକ୍ଷ୍ୟ ପୁରଣ ପାଇଁ ଆମ ଉଦ୍ୟମ ସକରାତ୍ମକ ହେବ ଜରୁରୀ। ଏକ ବୃହତ୍ତର ସ୍ୱାର୍ଥ ପ୍ରତି ସଂକୁଚିତ ମନୋଭାବ ବେଳେବେଳେ ନ୍ୟସ୍ତ ସ୍ୱାର୍ଥ ଜଡିତ କରିଦିଏ। ତେଣୁ ଏଥିପ୍ରତି ଯତ୍ନବାନ ହେବା ଜରୁରୀ। ପୃଥିବୀର ୪ର୍ଥ ଅର୍ଥନୈତିକ ଅଭିବୃଦ୍ଧି ସଂପନ୍ନ ରାଷ୍ଟ୍ର ଭାବେ ଏହି ପରିଚୟ ଆମକୁ ଯେତିକି ଆନନ୍ଦିତ କରୁଛି, ଏହାର ସ୍ଥାୟୀତ୍ୱ ଓ ଅଗ୍ରଗତି ପାଇଁ ମିଳିତ ଉଦ୍ୟମ ଓ ଦାୟିତ୍ୱବୋଧ ବୃଦ୍ଧି ପାଇବା ଜରୁରୀ ।ଏହି କ୍ରମରେ ଆମେ ସମସ୍ତେ ଏକାଠି ହୋଇ ଏକ ନୂତନ ଅଧ୍ୟାୟ ଯୋଡ଼ିବାରେ ସହାୟକ ହେଲେ ଯେଉଁ ଆତ୍ମ ସନ୍ତୋଷ ଦେବ ତାହା କାହା ସହିତ ତୁଳନୀୟ ନୁହେଁ। ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟରତ ଗଣମାଧ୍ୟମ ସଂସ୍ଥା ଓ ଏହାର ଅଂଶୀଦାର ମାନେ ଏଥି ପ୍ରତି ସତର୍କ ହେବାର ଅବଶ୍ୟକତା ରହିଛି ନ ହେଲେ ଏକ ବିକଳାଙ୍ଗ ଭବିଷ୍ୟତ ପାଇଁ ଆମକୁ ଅନୁତାପ କରିବାକୁ ପଡିବ ଏଥିରେ ସନ୍ଦେହ ନାହିଁ।

**ସଞ୍ଜୀ ସମୀର ମହାପାତ୍ର**
ସମ୍ପାଦକ, ତେଜସ୍ୱିନୀ

# ମାତୃଭାଷା ବନାମ ବିଶ୍ୱଭାଷା

ବିଶ୍ୱଭାଷା ଭାବରେ ଇଂରାଜୀ ଭାଷାର ବ୍ୟବହାର ପଛରେ ରହିଛି ଏକ ଭାଷା କୂଟନୀତି। ନଚେତ୍ ନିଜ ମାତୃଭାଷା କହୁଥିବା ଲୋକଙ୍କ ଗଣତିରେ ବିଶ୍ୱରେ ସର୍ବାଧିକ ଲୋକ ଚାଇନିଜ ଭାଷା ‘ମାଣ୍ଡାରିନ’ ହିଁ କହିଥାନ୍ତି। ଆମେରିକୀୟ, ଅଷ୍ଟ୍ରେଲିଆ ଏବଂ ପାଖାପାଖି ଅଞ୍ଚଳର ସମସ୍ତ ଇଂରାଜୀ ଭାଷାଭାଷୀ କହୁଥିବା ଲୋକଙ୍କୁ ମିଶାଇଲେ ମଧ୍ୟ ମାତୃଭାଷା ଭାବରେ ଇଂରାଜୀର ସ୍ଥାନ ଦ୍ୱିତୀୟ। ସେହିପରି ଭାରତରେ ହିନ୍ଦୀର ସ୍ଥାନ ଦ୍ୱିତୀୟ ଓ ଓଡ଼ିଆ ସ୍ଥାନ ତେତିଶ। ଏଠାରେ ମାତୃଭାଷା ବନାମ ବିଶ୍ୱଭାଷା କହିବାର ଉଦ୍ଦେଶ୍ୟ ହେଉଛି, ମାତୃଭାଷା ଇଂରାଜୀ ଥିବା ଲୋକଙ୍କଠାରୁ ଏସିଆ ଏବଂ ଆଫ୍ରିକାରେ ଇଂରାଜୀ ଭାଷା ଶିଖୁଥିବା ଲୋକଙ୍କ ସଂଖ୍ୟା ଅଧିକ। ସେହିପରି ଇଂରେଜମାନେ ଯେତେବେଳେ ଭାରତରେ ନିଜର କାୟାବିସ୍ତାର କଲେ ଏବଂ ପରବର୍ତ୍ତୀ ସମୟରେ ସେହି ଆଗନ୍ତୁକମାନଙ୍କର ଆବଶ୍ୟକତା ଥିଲା ସେମାନେ ଆମ ଭାଷା ଶିକ୍ଷା କରିବେ। କିନ୍ତୁ ସେମାନେ କ’ଣ ଆମ ଭାଷା ଶିକ୍ଷା କରିବେ, ବରଂ ତାଙ୍କ ଭାଷା ଅର୍ଥାତ୍ ଇଂରାଜୀ ଭାଷା ପ୍ରତି ଭାରତୀୟମାନଙ୍କର ଏତେ ଆସକ୍ତି ଚାଲି ଆସିଥିଲା ଯେ ଇଂରାଜୀ ଭାଷା ଶିଖିବା ପାଇଁ ଆତୁର ଏବଂ ତତ୍ପର ହୋଇଉଠିଲୁ।

ଇଂରାଜୀ ଭାଷାର କାୟା ବିସ୍ତାର ସମ୍ପର୍କରେ ଇତିହାସର କିଛି ଘଟଣାବଳୀର ପୃଷ୍ଠା ଓଲଟାଇବା। ଆମେରିକାର ପଞ୍ଚଦଶ ଶତକର ଉଦାହରଣ ଦେଖିବା। ପଞ୍ଚଦଶକର କଥା-କନ୍‌ଷ୍ଟାଣ୍ଟିନୋପଲ ପତନ ପରେ ଚାଇନାରୁ ଭାରତ ହୋଇ ୟୁରୋପ ଯାଇଥିବା ରେଶମ ପଥ ଅବରୁଦ୍ଧ ହେବା ପରେ ୟୁରୋପୀୟ ବ୍ୟବସାୟୀ ଓ ଶାସକମାନେ ଅନ୍ୟ ଏକ ବିକଳ୍ପ ପଥ ସନ୍ଧାନ କରୁଥାନ୍ତି। ଏଥିପାଇଁ ସ୍ପେନ୍, ଇଟାଲୀ, ପର୍ତ୍ତୁଗାଲ, ଫ୍ରାନ୍ସ, ଇଂଲଣ୍ଡର ସମୁଦ୍ର ନାବିକମାନଙ୍କୁ ସେତେବେଳେ ପ୍ରୋତ୍ସାହିତ କରାଯାଉଥିଲା। ପ୍ରସିଦ୍ଧ ସ୍ପେନୀୟ ନାବିକ ଖ୍ରୀଷ୍ଟୋଫର୍ କଲମ୍ବସ ୧୪୯୨ରେ ଦିଗଭ୍ରାନ୍ତ ହୋଇ ଭାରତକୁ ଜଳପଥ ଖୋଜି କ୍ୟାରିବିୟନ ସି’ର ବରମୁଡ଼ା ଦୀପପୁଞ୍ଜରେ ପହଞ୍ଚିଲେ ଏବଂ ଏହାକୁ ଭାରତ ବୋଲି ଭାବି ସେଠାକାର ଆଦିମ ଅଧିବାସୀଙ୍କୁ ରେଡ୍ ଇଣ୍ଡିଆନ ଆଖ୍ୟା ଦେଲେ। ଏହା ଥିଲା ଆମେରିକା ମହାଦେଶର ଅଂଶ(ମାତ୍ର ମୃତ୍ୟୁ ପର୍ଯ୍ୟନ୍ତ କଲମ୍ବସ ଭାବିଥିଲେ ସେ ଭାରତବର୍ଷକୁ ଜଳପଥ ଆବିଷ୍କାର କରିଛନ୍ତି)। ଇଟାଲୀର ନାବିକ ଆମେରିଗୋ ଭେସ୍ପୁଚି ୧୫୦୭ରେ ଏଠାରେ ପହଞ୍ଚିବାରେ ଇଟାଲୀର ରାଜା ଏହି ଅଞ୍ଚଳକୁ ଆମେରିକା ବୋଲି ନାମିତ କଲେ। ପରବର୍ତ୍ତୀ ସମୟରେ ସ୍ପେନୀୟମାନେ ଦକ୍ଷିଣ ଆମେରିକା ମଧ୍ୟ ଆବିଷ୍କାର କରିଥିଲେ। ୧୫୮୮ରେ ସ୍ପେନ୍ କର୍ତ୍ତୃତ୍ୱରେ ଥିବା ଆଣ୍ଟଲାଣ୍ଟିକ ମହାସାଗରର ସ୍ପେନିଶ୍ରେଣୀ ଘାଟି ଆର୍ମାଡ ଦ୍ୱୀପକୁ ଇଂରେଜମାନେ ଅଧିକାର କରିନେବା ପରେ ଏହି ସ୍ଥାନରେ ବସତି ସ୍ଥାପନ କରିବାକୁ ଆଗ୍ରହୀ ହୋଇଥିଲେ। କୁହାଯାଏ, ଯେଉଁ ପ୍ରଥମ ଗୋଷ୍ଠୀର ଲୋକେ ଆମେରିକା ଯାଇଥିଲେ ସେମାନଙ୍କର ହୁଏତ ଆମେରିକାର ଆଦିମ ଅଧିବାସୀଙ୍କ ହାତରେ ମୃତ୍ୟୁ ହୋଇଥିଲା କିମ୍ବା ସେମାନେ ନିଖୋଜ ହୋଇଥିଲେ। ସେହିମାନଙ୍କ ସ୍ମୃତିରେ ସ୍ଥାନଟିର ନାମକରଣ କରାଯାଇଥିଲା ଲସ୍ ଏଞ୍ଜେଲେସ। ପରବର୍ତ୍ତୀ ଗୋଷ୍ଠୀ ଯେଉଁମାନେ ତାଙ୍କ ସନ୍ଧାନ ପାଇଁ ଇଂଲଣ୍ଡର ସେ ସମୟର ଶାସକ ରାଲେଙ୍କ ଦ୍ୱାରା ପ୍ରେରିତ ହୋଇଥିଲେ, ସେମାନେ ରହୁଥିବା ସ୍ଥାନଟିକୁ ନାମ ଦେଇଥିଲେ ରାଲେ। ଏହିଭଳି ଭାବରେ ନୂତନ ଉପନିବେଶର ସ୍ଥାନ ନାମକରଣ ଆରମ୍ଭ ହୋଇଥିଲା। ଇଂରେଜମାନେ ଆମେରିକାରେ ୧୭୮୦ ବେଳକୁ ୧୩ଟି କଲୋନୀ ସ୍ଥାପନ କରିଥିଲେ ଏବଂ ସେଥିରେ ୪୦ଲକ୍ଷ ଇଂରେଜ ବସବାସ କରୁଥିଲେ। ୧୫୮୮ରୁ ୧୬୦୦ ମଧ୍ୟରେ ମାତ୍ର ୩୫୦ଜଣ ସେଠାରେ ରହୁଥିଲେ। ୧୭୮୧ରେ ଆମେରିକା ସ୍ୱାଧୀନ ହେଲା ଏବଂ ସ୍ଥାନୀୟ ଇଂରେଜ ବଂଶୋଦ୍ଭବ ଜର୍ଜ ୱାଶିଂଟନ ଦେଶର ପ୍ରଥମ ରାଷ୍ଟ୍ରପତି ରୂପେ ଶାସନ ଆରମ୍ଭ କଲେ। ଇଂରେଜମାନଙ୍କ ଦ୍ୱାରା ସୃଷ୍ଟ ବଂଶୋଦ୍ଭବମାନଙ୍କର ବସତିରେ ଏହି ଅସ୍ମିତାର ଜାଗରଣ ଅବଶ୍ୟ ବିଶ୍ୱ ଇତିହାସରେ ଏକ ନୂତନ ଫର୍ଦ୍ଦ ଯୋଗ କରିଛି। ଆମେରିକୀୟ ଇଂରାଜୀର ସ୍ୱାତନ୍ତ୍ର୍ୟ ସାମାନ୍ୟ ହେଲେ ମଧ୍ୟ ଜାତୀୟ ସ୍ୱାଭିମାନ ଦୃଷ୍ଟିରୁ ସେମାନେ ସାଧୀନ ହୋଇ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ଇଂରାଜୀ ଭାଷା ସବୁଠି ପ୍ରସାର ମେଲାଇ ଥିଲେ ସୁଦ୍ଧା ଏକଥା ଦୃଢ଼ତାର ସହ କୁହାଯାଇପାରିବ ଯେ, ଓଡ଼ିଆ ଗୋଟିଏ ଅତ୍ୟନ୍ତ ସମୃଦ୍ଧ ଭାଷା ବୋଲି। ପୃଥିବୀର ଅଧିକାଂଶ ଭାଷାର ଲିପି ନାହିଁ। ସବୁଠାରୁ ଶକ୍ତିଶାଳୀ ଇଂରାଜୀ ଭାଷା ରୋମାନ ଲିପି ବ୍ୟବହାର କରେ। ଜର୍ମାନ, ଫ୍ରେଞ୍ଚ, ସ୍ପାନିସ ଭାଷା ମଧ୍ୟ ଏହି ରୋମାନ ଲିପି ବ୍ୟବହାର କରନ୍ତି। ଆମ ଦେଶରେ ମରାଠି ଓ ହିନ୍ଦୀ ଉଭୟ ନାଗରୀ ଲିପି ବ୍ୟବହାର କରନ୍ତି। କୋଙ୍କଣୀ ଭାଷା ଭିନ୍ନ ଭିନ୍ନ ଲିପି ବ୍ୟବହାର କରୁଛି। କିନ୍ତୁ ଓଡ଼ିଆ ଭାଷା ଏକ ସୁନ୍ଦର ଲିପି ବ୍ୟବହାର କରୁଛି। ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷାର ମର୍ଯ୍ୟାଦା ମିଳିସାରିଛି। କିନ୍ତୁ ପରିତାପର ବିଷୟ ଯେ ଏସବୁ ସତ୍ତ୍ୱେ ଆଜିର ଶିଶୁ, କିଶୋର ଗଣ ଏହି ଭାଷା ପ୍ରତି ଆଗ୍ରହୀ ହେଉନାହାନ୍ତି। ଆମ ଅସ୍ମିତାର ମୁଖ୍ୟ ପ୍ରତୀକ ଭାଷା ଉପରେ ଆଗରୁ ଯେତେ ଯାହା ଆକ୍ରମଣ ହୋଇଥିଲା ତାହା ବାହାରୁ ହୋଇଥିଲା, ମାତ୍ର ଏବେ ଏହି ଆକ୍ରମଣ ଆମ ପରିବାର ଭିତରୁ ହିଁ ଆରମ୍ଭ ହେଉଛି।

# ବାହ୍ୟ ଆକ୍ରମଣ ଓ ବିଦ୍ରୋହ

ଗତ ମାସରେ ଇରାନ୍‌ର ଆଣବିକ କେନ୍ଦ୍ର ଉପରେ ଆମେରିକା ଆକାଶମାର୍ଗରୁ ବୋମା ବର୍ଷଣ କରିଥିଲା ଏବଂ ଏଥିରେ କେତେ କ୍ଷତି ହୋଇଛି, ତାହା ଏବେ ସୁଦ୍ଧା ଆମେ ଜାଣିନୁ। ଜୁନ୍‌ରେ ଅନୁଷ୍ଠିତ ନାଟୋ ସମ୍ମିଳନୀରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗର୍ବର ସହିତ କହିଥିଲେ, “ଏହା ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଥିବା ମୋର ବିଶ୍ୱାସ”। କିନ୍ତୁ ଏହା ପୂର୍ବରୁ ଆମେରିକାର ଏକ ଗୋଇନ୍ଦା ରିପୋର୍ଟ ପ୍ରକାଶ କରିଥିଲା ଯେ, ଇରାନ୍ ପୁଣି କିଛି ମାସ ମଧ୍ୟରେ ଉନ୍ନତ ମାନର ୟୁରାନିୟମ ପ୍ରସ୍ତୁତି ଆରମ୍ଭ କରିପାରେ। ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥା (ଆଇଏଇଏ)ର ନିର୍ଦ୍ଦେଶକ ରାଫେଲ୍ ମାରିଆନୋ ଗ୍ରୋସି ମଧ୍ୟ ସମାନ କଥା କହିଥିଲେ। ତେବେ ଆମେ ଗୋଟିଏ କଥା କହିପାରିବା ଯେ, ଇସ୍ରାଏଲ୍-ୟୁଏସ୍‌ର ବମ୍ବିଂ ଅଭିଯାନ ଇସ୍‌ଲାମିକ ରିପବ୍ଲିକ ଶାସନ ବିରୋଧରେ କୌଣସି ବିଦ୍ରୋହ ସୃଷ୍ଟି କରିପାରିଲା ନାହିଁ। କିନ୍ତୁ ଏଭଳି ଘଟିବ ବୋଲି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଆଶା କରିଥିଲେ। ଏପରିକି ଟ୍ରମ୍ପ୍ ମଧ୍ୟ ଭାବୁଥିଲେ ଯେ, ମେକ୍ ଇରାନ୍ ଗ୍ରେଟ୍ ଏଗେନ୍ (ଏମ୍‌ଆଇଜିଏ)ରେ ଅସମର୍ଥ ହୋଇଥିବା ଏକ ଶାସନର ବିକଳ୍ପ ହେଉଛି ତାହାକୁ ପରିବର୍ତ୍ତନ କରିବା। କିନ୍ତୁ ଏମ୍‌ଆଇଜିଏ ପାଇଁ ଚେଷ୍ଟା ଦେଶ ଭିତରୁ ନା ବାହାରୁ ହେବା ଉଚିତ ନା ନାହିଁ, ତାହା ସେ ସ୍ପଷ୍ଟ କରିନାହାନ୍ତି।

କୌଣସି ଏକ ଦେଶ ଉପରେ ଆକ୍ରମଣ କରି ସେହି ଦେଶର ନାଗରିକଙ୍କ ନୈତିକ ମନୋବଳ ଭାଙ୍ଗିଦେବା ସହ ସେମାନଙ୍କୁ ନିଜ ନେତାଙ୍କ ବିରୋଧରେ ସ୍ୱର ଉଠାଇବା ପାଇଁ ପ୍ରେରିତ କରିବା କଥା ଯାହା ଚିନ୍ତା କରାଯାଉଛି, ତାହା ଏକ ପୁରୁଣା ମାନସିକତା ଓ ପ୍ରାୟତଃ ଗ୍ରହଣୀୟ ନୁହେଁ। ଏହା ସ୍ପେନ୍ ଗୃହଯୁଦ୍ଧ ସମୟରେ ଯେତେବେଳେ ଜର୍ମାନ ଓ ଇଟାଲୀ ଗୁଏରନିକା ଉପରେ ୧୯୩୭ରେ ଆକ୍ରମଣ କରିଥିଲେ କିମ୍ବା ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଯେତେବେଳେ ହିଟ୍‌ଲର ବ୍ରିଟେନ୍ ଉପରେ ଆକ୍ରମଣ କରିଥିଲେ କିମ୍ବା ମିତ୍ର ଦେଶଗୁଡ଼ିକ ନାଜି ଜର୍ମାନୀର ସହରଗୁଡ଼ିକୁ ଧ୍ୱଂସ କରିଥିଲେ, ସେତେବେଳେ ଏହି ସିଦ୍ଧାନ୍ତ କାମ କରି ନ ଥିଲା। ୧୯୬୫-୬୮ ପର୍ଯ୍ୟନ୍ତ ଉତ୍ତର ଭିଏଟ୍‌ନାମରେ ଚାଲିଥିବା ଅପରେଶନ ରୋଲିଂ ଥଣ୍ଡର ମଧ୍ୟ ଏହି ଲକ୍ଷ୍ୟ ହାସଲ କରିବାରେ ବିଫଳ ହୋଇଥିଲା। ଗାଜା ଉପରେ ଏବେ ଜାରି ରହିଥିବା ଇସ୍ରାଏଲ୍‌ର ଆକ୍ରମଣ କ୍ଷେତ୍ରରେ ମଧ୍ୟ ସେୟା ଘଟିଛି।

ଷ୍ଟ୍ରାଟେଜିକ୍ ବମ୍ବିଂରେ ଆକାଶମାର୍ଗରୁ ସଂଖ୍ୟାଧିକ ବୋମା ପକାଯାଇ କୌଣସି ଦେଶର ଭିତ୍ତିଭୂମି ଓ ସମ୍ବଳକୁ ଦୁର୍ବଳ କରାଯାଇଥାଏ। ଦୁଇଟି ବିଶ୍ୱଯୁଦ୍ଧରେ ଇଟାଲୀୟ ଜେନେରାଲ ଗିଉଲିଓ ଡୋଉହେଟ ଏହି କୌଶଳ ପ୍ରସ୍ତୁତ କରିଥିଲେ। କିନ୍ତୁ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଆକାଶମାର୍ଗରୁ କରାଯାଇଥିବା ଘାତକ ବମ୍ବିଂରେ ବ୍ରିଟେନ୍‌ର କମାଣ୍ଡର ଇନ୍ ଚିଫ୍, ଆର୍‌ଏଏଫ୍ ବମ୍ବର କମାଣ୍ଡ, ଅର୍ଥୁର ହାରିସ୍ (ବମ୍ବର ହାରିସ୍ ଭାବେ ଜଣାଶୁଣା) ଏବଂ ଆମେରିକା ଏୟାର ଫୋର୍ସ ଜେନେରାଲ କୁରଟିସ୍ ଏମରଶନ୍ ଲିମେ ଜଡ଼ିତ ଥିଲେ। ପରେ ୧୯୪୪-୪୫ରେ ଜାପାନର ସହରଗୁଡ଼ିକୁ ଧ୍ୱଂସ କରି ଅନେକ ହଜାର ନାଗରିକଙ୍କୁ ହତ୍ୟା କରାଯାଇଥିଲା। ସେତେବେଳେ କୁହାଯାଉଥିଲା ଯେ, ଯଦି ଆମେରିକା ହାରିଥାଆନ୍ତା, ତେବେ ଲିମେଙ୍କୁ ଯୁଦ୍ଧ ଅପରାଧୀ କରିବାକୁ ପଦକ୍ଷେପ ଗ୍ରହଣ କରାଯାଇଥାଆନ୍ତା। ଷ୍ଟ୍ରାଟେଜିକ୍ ବମ୍ବିଂ ସହରାଞ୍ଚଳକୁ ଧ୍ୱଂସ କରିଦେଲା ଏବଂ ସଂଖ୍ୟାଧିକ ବୋକେ (ଜର୍ମାନ୍ ନାଗରିକଙ୍କ ପାଇଁ ଏକ ଉପହାସପୂର୍ଣ୍ଣ ଶବ୍ଦ)ଙ୍କୁ ହତ୍ୟା କରିବାରେ ହାରିସ୍ ତାଙ୍କ ଆଶା ପୂରଣ କଲେ। କିନ୍ତୁ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଷ୍ଟ୍ରାଟେଜିକ୍ ବମ୍ବିଂକୁ ବ୍ୟାପକ ଭାବେ ବ୍ୟବହାର କଲେ ମଧ୍ୟ ଏହି କୌଶଳ କେବେ ବି ଏକ ବଡ଼ ବିଦ୍ରୋହ ସୃଷ୍ଟି କରିପାରି ନ ଥିଲା। ହିରୋସୀମା ଓ ନାଗାସାକୀ ସହରରେ ପରମାଣୁ ବୋମା ଆକ୍ରମଣର ପରିଣାମ ଯାହା ହୋଇଥାଉନା କାହିଁକି, ଜାପାନରେ ସେଠାକାର ସରକାରଙ୍କ ବିରୋଧରେ କୌଣସି ବିଦ୍ରୋହ ଦେଖାଯାଇ ନ ଥିଲା।

ଏକ ଆକ୍ରମଣ ଲୋକଙ୍କୁ ଭୋକିଲା ରଖିପାରେ, ହେଲେ ଲୋକପ୍ରିୟତା ହରାଇଥିବା ଏକ ସରକାର ପାଇଁ ଏହା ସମର୍ଥନ ଜୁଟାଇବା ସମ୍ଭାବନା ସୃଷ୍ଟି କରେ। ୧୯୪୧ରେ ଲଣ୍ଡନବାସୀଙ୍କ ମନୋବଳ ଭାଙ୍ଗିଦେବା ପାଇଁ ଜର୍ମାନ୍ ପ୍ରଚେଷ୍ଟା କରିଥିଲା। କିନ୍ତୁ ଏହା ଲଣ୍ଡନବାସୀଙ୍କୁ ଅଧିକ ଜିଦିଆ କରିବା ସହ ତାଙ୍କ ସହର ଆକ୍ରମଣର ମୁକାବିଲା କରିପାରିବ ବୋଲି ସେମାନଙ୍କ ମନରେ ଦୃଢ଼ ବିଶ୍ୱାସ ଜନ୍ମାଇଥିଲା। ଅବଶ୍ୟ ସେତେବେଳେ ୱିନ୍‌ଷ୍ଟନ ଚର୍ଚ୍ଚିଲଙ୍କ ଲୋକପ୍ରିୟତା ଥିଲା। କିନ୍ତୁ ବର୍ଲିନ୍‌ବାସୀଙ୍କ ମଧ୍ୟରେ ଏପରିକି ଯେଉଁମାନେ ହିଟ୍‌ଲରଙ୍କୁ ବିରୋଧ କରୁଥିଲେ, ସେମାନଙ୍କର ମଧ୍ୟ ସମାନ ପ୍ରକାର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ବିନା ଅଭିଯୋଗରେ ଯନ୍ତ୍ରଣା ସହିବା କିମ୍ବା ସମସ୍ୟାରେ ରହିବାର ମାନସିକତା ଗଣତାନ୍ତ୍ରିକ ଦେଶ ତୁଳନାରେ ଯଥେଷ୍ଟ ଅଧିକ ଅଛି ଏକଛତ୍ରବାଦ ଶାସନରେ। ଉତ୍ତର ଭିଏଟ୍‌ନାମର ଲୋକେ ସେମାନଙ୍କ ନେତାଙ୍କୁ ମାନିବା ପାଇଁ ବାଧ୍ୟ ହୋଇଥିଲେ, କିନ୍ତୁ ଆମେରିକାର ଆକ୍ରମଣ ସେମାନଙ୍କ ନୈତିକ ଅଧୋଗତି ଘଟାଇବା କିମ୍ବା ଏକ ଜନ ବିଦ୍ରୋହ ସୃଷ୍ଟି କରିବାର କୌଣସି ପ୍ରମାଣ ନାହିଁ। ଆମେରିକାର ଯୁଦ୍ଧ ବିମାନରୁ ଆକ୍ରମଣ କରିଥିଲେ ମଧ୍ୟ ଭିଏଟ୍?ନାମର ନାଗରିକଙ୍କଠାରେ ପ୍ରକୃତ ଦେଶଭକ୍ତି ଥିଲା।

ସତ୍ୟ ହେଉଛି, କୌଣସି ଦେଶରେ ନାଗରିକମାନେ ସେମାନଙ୍କ ନେତାଙ୍କୁ ଯେତେ ଘୃଣା କରନ୍ତୁ ପଛେ, ବିଦେଶୀ ଶକ୍ତିଙ୍କ ଆକ୍ରମଣକୁ ସେମାନେ ସହ୍ୟ କରନ୍ତି ନାହିଁ। ବିଶେଷକରି ଇରାନ୍ ଭଳି ଏକ ଦେଶଭକ୍ତ ଭାବନାରେ ପରିପୂର୍ଣ୍ଣ ତଥା ବୈଦେଶିକ ହସ୍ତକ୍ଷେପର ତିକ୍ତ ଇତିହାସ ସହ ଜଡ଼ିତ ଦେଶରେ ଏହା ସମ୍ଭବ। ୧୯୫୩ରେ ଆମେରିକା ଓ ବ୍ରିଟେନ୍ ସମର୍ଥନରେ ବଳପୂର୍ବକ ପ୍ରତିଶ୍ରୁତିବଦ୍ଧ ଗଣତନ୍ତ୍ରକୁ ହଟାଇ ଦିଆଯାଇଥିଲା। ଏବେ ଏହିସବୁ ପାଶ୍ଚାତ୍ୟ ଦେଶ ପ୍ରତି ଘୃଣାଭାବ କମିଯାଇଥାଇପାରେ, କିନ୍ତୁ ସେମାନଙ୍କ ବିଚାର ତଥା କାର୍ଯ୍ୟକଳାପକୁ ଇରାନୀୟମାନେ ସବୁବେଳେ ସନ୍ଦେହ ଦୃଷ୍ଟିରେ ଦେଖନ୍ତି। ଟ୍ରମ୍ପ୍‌ଙ୍କ ମେକ୍ ଇରାନ୍ ଗ୍ରେଟ୍ ଏଗେନ୍ ଧ୍ୱନିକୁ ଇରାନୀୟମାନେ ସମର୍ଥନ କରିବା କଷ୍ଟକର।

ଏହା ନିଶ୍ଚିତ ଯେ, ଇରାନ୍‌ର ଆଣବିକ କ୍ଷମତା ହ୍ରାସ କରିବା ଏକ ସକାରାତ୍ମକ ପଦକ୍ଷେପ। ଲେବାନନ୍ ଓ ସିରିଆରେ ଇରାନ୍‌ର ସପକ୍ଷବାଦୀ ଉଗ୍ରବାଦୀଙ୍କ ଉପରେ ଇସ୍ରାଏଲ୍‌ର ଆକ୍ରମଣ ମଧ୍ୟ ଏକ ଭଲ ପଦକ୍ଷେପ ହୋଇପାରେ। କିନ୍ତୁ ଏସିଆ ଓ ମଧ୍ୟପ୍ରାଚ୍ୟରେ ଦେଖାଯାଇଥିବା ଅନ୍ୟ ପାଶ୍ଚାତ୍ୟ ସାମରିକ ହସ୍ତକ୍ଷେପ ଗଣତନ୍ତ୍ରକୁ ପରିବର୍ତ୍ତନ କରିପାରିବ ନାହିଁ। ଯେଉଁମାନେ ଇରାନ୍‌ର କଠୋର, ଦମନକାରୀ ଓ କ୍ରୂର ଧର୍ମୀୟ ଶାସନକୁ ହଟାଇପାରିବେ, ସେମାନେ ହେଉଛନ୍ତି ଇରାନ୍‌ର ନାଗରିକ। ଏହି ଶାସନ ଅଧିକ ଲୋକପ୍ରିତା ହରାଇଛି ଏବଂ ୮୦ ପ୍ରତିଶତରୁ ଅଧିକ ଇରାନୀୟ ଗଣତାନ୍ତ୍ରିକ ସରକାର ଚାହାନ୍ତି ବୋଲି ୨୦୨୩ର ଏକ ସର୍ଭେରୁ ଜଣାପଡ଼ିଥିଲା। ଇରାନ୍ ଉପରେ ଆକ୍ରମଣ କଲେ ଏହାର ସାମରିକ ଦୁର୍ବଳତା ସାମ୍ନାକୁ ଆଣିଥାଇପାରେ, କିନ୍ତୁ ଶାସନ ବିରୋଧରେ ବଢୁଥିବା ବିରୋଧକୁ ଏହା ନିଶ୍ଚିତ ଭାବେ ହ୍ରାସ କରିଥିବା ଜଣାଯାଏ।

ଇରାନ୍‌ର ଅଭିନେତା ରେଜା କିଆନିଆନ ସରକାରଙ୍କ ଦୃଢ଼ ସମାଲୋଚକ ତଥା ୨୦୨୨ ଶାସନ ବିରୋଧୀ ଆନ୍ଦୋଳନର ଜଣେ ସମର୍ଥକ ଭାବେ ସେ ନିଃସନ୍ଦେହରେ ଏକ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସ୍ୱାଗତ କରିଥାଆନ୍ତେ। କିନ୍ତୁ ଇସ୍ରାଏଲ୍ ଓ ଆମେରିକା ଆକ୍ରମଣ ଆରମ୍ଭ କରିଦେବା ଯୋଗୁ ତାଙ୍କ ଦେଶଭକ୍ତି ବଢ଼ିଗଲା। ଫାଇନାନ୍ସିଆଲ ଟାଇମ୍ସକୁ ସେ ସାକ୍ଷାତ୍ ?କାରରେ କହିଥିଲେ ଯେ, ଇରାନ୍ ବାହାରେ ରହିଥିବା ଜଣେ ବ୍ୟକ୍ତି ଦେଶକୁ ଆଗକୁ ବଢ଼ିବା ପାଇଁ କହିପାରିବେ ନାହିଁ। ଇରାନ୍ ହେଉଛି ମୋ ଦେଶ। କ’ଣ କରିବାକୁ ହେବ ମୁଁ ସ୍ଥିର କରିବି। ମୋ ନିଜ ଦେଶରେ ମୁଁ କ’ଣ କରିବି ସେ ସମ୍ପର୍କରେ କାହା କଥାକୁ ଅପେକ୍ଷା କରିବି ନାହିଁ। ବାହ୍ୟ ହସ୍ତକ୍ଷେପ ପ୍ରତି ଏହି ବିମୁଖତା ବା ବିରୋଧାଭାଷ ଯୁକ୍ତିଯୁକ୍ତ ମନେହୁଏ ଓ ଏହା ଶୀଘ୍ର ଏକ ନୂଆ ସଙ୍କଟର ପଥ ଦେଖାଇପାରେ। ଗୋଟିଏ ଶାସନ ଯେତେବେଳେ ଚାପରେ ରହିଥାଏ, ସେତେବେଳେ କ’ଣ ଘଟିବ କେହି କହିପାରିବେ ନାହିଁ। କିନ୍ତୁ ଇରାନର ଏବେକାର ଶାସନ ତଥାକଥିତ ଦେଶଦ୍ରୋହୀ ଏବଂ ଅସନ୍ତୁଷ୍ଟଙ୍କ ସ୍ୱରକୁ ଦୃଢ଼ ହସ୍ତରେ ଦବାଇ ରଖିଛି। ଇରାନର ସାମରିକ ଦୁର୍ବଳତା ହିଁ ଏହାର ନେତାଙ୍କୁ ଏକ ପରମାଣୁ ବୋମା ତିଆରି କରିବା ପାଇଁ ଦୁଇଗୁଣ ପ୍ରେରଣ କରିବାର ସମ୍ଭାବନା ଅଛି।

# ସୋସିଆଲ୍ ମିଡ଼ିଆ ଏକ ଡିଜିଟାଲ୍ ନିଶା

ରଣଜିତ୍ ପଟ୍ଟନାୟକ

ଆଜିକାଲି ସୋସିଆଲ ମିଡ଼ିଆ ପ୍ରାୟ ପ୍ରତ୍ୟେକ ବ୍ୟକ୍ତି ବିଶେଷଙ୍କ ଜୀବନରେ ଏକ ବିଶେଷ ଅଂଶ ଗ୍ରହଣ କରିସାରିଛି । ଏକ ସାଧାରଣ ଲୋକଠାରୁ ଆରମ୍ଭ କରି ସେଲିବ୍ରେଟି ପର୍ଯ୍ୟନ୍ତ ପ୍ରାୟ ସମସ୍ତେ ସୋସିଆଲ ମିଡ଼ିଆ ବ୍ୟବହାର କରୁଛନ୍ତି । ଏପରିକି ସରକାରୀ ସ୍ତରରେ ମଧ୍ୟ ସୋସିଆଲ ମିଡ଼ିଆର ବହୁତ ବ୍ୟବହାର ଦେଖିବାକୁ ମିଳୁଛି । ଯୁବବର୍ଗ ପାଇଁ ସୋସିଆଲ ମିଡ଼ିଆ ଏକ ନିଶାରେ ପରିଣତ ହୋଇସାରିଛି । ସକାଳୁ ଉଠିବା ସମୟରୁ ଆରମ୍ଭ କରି ରାତିରେ ଶୋଇବା ପର୍ଯ୍ୟନ୍ତ ଲୋକଙ୍କ ହାତରେ ପ୍ରାୟ ସମୟ ସ୍ମାର୍ଟଫୋନ ରହୁଛି । ଟିକିଏ ସମୟ ପାଇଲେ ଲୋକେ ନିଜକୁ ସୋସିଆଲ ମିଡ଼ିଆର ଦୁନିଆରେ ହଜାଇ ଦେଉଛନ୍ତି ।

***ସମାଜ ଉପରେ ଏହାର କୁପ୍ରଭାବ –***

ଲୋକମାନେ ସର୍ଟ ଭିଡିଓ କରି ଟିକିଏ ଲାଇକ୍ ପାଇବା ପାଇଁ ବିଭିନ୍ନ ବିପଦପୂର୍ଣ୍ଣ କାମ କରୁଛନ୍ତି ଫଳରେ ବାରମ୍ବାର ବିଭିନ୍ନ ପ୍ରକାର ଦୁର୍ଘଟଣା ଏପରିକି ଜୀବନ ହାନି ହେବା ମଧ୍ୟ ଦେଖିବାକୁ ମିଳୁଛି ।

***ସୋସିଆଲ ମିଡ଼ିଆର ସବୁଠାରୁ ବଡ଼ ଖରାପ ପ୍ରଭାବ–***

ଲୋକମାନେ ଆଜିକାଲି ଟିକେ କ'ଣ ହେଲାମାନେ ଆଗପଛ ନ ଭାବିକି ଲାଇଭ ଆସିକି କିମ୍ବା ଭିଡିଓ ମାଧ୍ୟମରେ ନିଜର ବ୍ୟକ୍ତିଗତ ସମସ୍ୟା, ପାରିବାରିକ କଳହକୁ ଓପେନ ପ୍ଲାଟଫର୍ମ ରେ ସେୟାର କରି ଦେଉଛନ୍ତି । ଲାଭ କ'ଣ ମିଳୁଛି ? ସତରେ କ'ଣ ସୋସିଆଲ ମିଡ଼ିଆ ପୋଷ୍ଟ ସେମାନଙ୍କର ସମସ୍ୟାଟିକୁ ସମାଧାନ କରି ଦେଉଛି ? ନା ଅଧିକ ଜଟିଳ କରିଦେଉଛି ? କ'ଣ ମିଳୁଛି ? କ୍ଷଣିକ ମାନସିକ ଶାନ୍ତି । ଲୋକ ତା'ର ମଜା ନେଉଛନ୍ତି ଯିଏ ଯାହା ପାରିଲା ଭଲ ମନ୍ଦ କମେଣ୍ଟ୍ କରୁଛନ୍ତି । ଆଉ କିଛି ପୋର୍ଟାଲ ବାଲା ତ ତାହାକୁ ଶସ୍ତା ଟିଆର୍‌ପି ପାଇଁ ବଜେଇ ଚାଲୁଛନ୍ତି । ଲାଭ କ'ଣ ମିଳୁଛି ସେମାନଙ୍କୁ ସେମାନେ ଜାଣିଥିବେ କିନ୍ତୁ ନିଜର ମାନ, ସମ୍ମାନ ନିଜେ ହରାଉଛନ୍ତି ।

ସୋସିଆଲ ମିଡ଼ିଆ ବିଶେଷ କରି ପୋର୍ଟାଲ୍‌ଗୁଡ଼ିକ ଉପରେ ସେମିତି କିଛି କାର୍ଯ୍ୟାନୁଷ୍ଠାନ ନିଆ ଯାଉନଥିବାରୁ ଯିଏ ଯାହା ପାରିଲା ପୋଷ୍ଟ କରୁଛନ୍ତି । ଅଶ୍ଳୀଳତାର ସୀମା ଟପି ଯାଉଛି । ବିଭିନ୍ନ ସମ୍ବେଦନଶୀଳ କଥାଗୁଡ଼ିକ ମଧ୍ୟ ନିଆଁ ପରି ବ୍ୟାପି ଯାଉଛି ଯାହା ଫଳରେ ସମାଜରେ ଘୃଣାଭାବ ବୃଦ୍ଧି ପାଉଛି । ଛୋଟ ପିଲାମାନେ ମଧ୍ୟ ବାହ୍ୟ ଖେଳ ଛାଡ଼ିକି ନିଜକୁ ସୋସିଆଲ ମିଡିଆର ଦୁନିଆରେ ହଜେଇ ଦେଉଛନ୍ତି । ସୋସିଆଲ ମିଡ଼ିଆ ନିଶା ସମ୍ପର୍କଗୁଡ଼ିକ ଉପରେ ମଧ୍ୟ ପଡୁଛି । ପ୍ରାୟ ଲୋକ ଘରେ ଥିଲାବେଳେ ହଉ କିମ୍ବା କୌଣସି ବନ୍ଧୁଙ୍କ ଘରକୁ, ଉତ୍ସବକୁ ଯାଇଥିଲେ ମଧ୍ୟ ନିଜକୁ ସୋସିଆଲ ମିଡିଆରେ ବ୍ୟସ୍ତ ରଖୁଛନ୍ତି ।

***ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ –***

ଅଧିକ ସମୟ ଧରି ସୋସିଆଲ ମିଡ଼ିଆ ନିଶାରେ ସ୍ମାର୍ଟଫୋନ ବ୍ୟବହାର ଯୋଗୁଁ ତା'ର କୁ ପ୍ରଭାବ ଦୃଷ୍ଟି ଶକ୍ତି ଉପରେ ପଡୁଛି । ବିଭିନ୍ନ ଚକ୍ଷୁ ସମସ୍ୟା, ମେଦ ବହୁଳତା, ନିଦ୍ରାହୀନତା ଏବଂ ଅବସାଦ ଭଳି ସମସ୍ୟାଗୁଡିକ ଦ୍ରୁତଗତିରେ ବୃଦ୍ଧି ପାଇବାକୁ ଲାଗିଛି ।

***ଅଙ୍କୁଶ ଆବଶ୍ୟକ –***

ନିଶା ଦ୍ରବ୍ୟ ଭଳି ସୋସିଆଲ ମିଡ଼ିଆକୁ ନିଶା ଭଳି ଅଧିକ ବ୍ୟବହାର ଦ୍ୱାରା ତାହାର କୁପ୍ରଭାବ ସ୍ୱାସ୍ଥ୍ୟ, ପାରିବାରିକ ଜୀବନ ଉପରେ ପଡୁଥିବାରୁ ଯଥା ସମ୍ଭବ ତା'ର ବ୍ୟବହାର କମ କରନ୍ତୁ । ସୋସିଆଲ ମିଡ଼ିଆର ବ୍ୟବହାର ଯେ ସମ୍ପୂର୍ଣ୍ଣ ଖରାପ ତା' ନୁହେଁ, ବ୍ୟବହାର କରନ୍ତୁ ହେଲେ ସୀମିତ ମାତ୍ରାରେ ଯେମିତି ତାହାର ନିଶାର ପ୍ରଭାବ ଦ୍ୱାରା ଆପଣଙ୍କ ର ଶରୀର କିମ୍ବା ପାରିବାରିକ, ସାମାଜିକ ଜୀବନ କ୍ଷତିଗ୍ରସ୍ତନ ହଉ ।

***ମୁଖ୍ୟ ପ୍ରତିନିଧି, ଭୁବନେଶ୍ୱର,***
***ମୋ: ୯୪୩୯୫ ୦୫୨୧୫***

## ବିହାରରେ ଜାରି ରହିବ ଭୋଟର ତାଲିକା ସଂଶୋଧନ

ନୂଆଦିଲ୍ଲୀ: ବିହାରରେ ଜାରି ରହିବ ଭୋଟର ତାଲିକା ସମୀକ୍ଷାଗତ ସର୍ଭେ ପ୍ରକ୍ରିୟା । ଏନେଇ ସୁପ୍ରିମକୋର୍ଟ ଗୁରୁବାର ନିଜ ରାୟ ସ୍ପଷ୍ଟ କରିଛନ୍ତି । ଏଥିସହ ସୁପ୍ରିମକୋର୍ଟ, ନିର୍ବାଚନ ଆୟୋଗଙ୍କୁ ସମୀକ୍ଷା ପ୍ରକ୍ରିୟାରେ କେତେକ ବିଶେଷ ଦିଗ ପ୍ରତି ଧ୍ୟାନ ଦେବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି । ସୁପ୍ରିମକୋର୍ଟଙ୍କ ଏହି ରାୟ ଆସିବା ପରେ ବିରୋଧୀ ଦଳଙ୍କୁ ଜୋରଦାର ଝଟ୍‌କା ଲାଗିଛି, ଯେଉଁମାନେ ଏହି ଭୋଟର ତାଲିକା ସମୀକ୍ଷାଗତ ସର୍ଭେ ପ୍ରକ୍ରିୟାକୁ ଆଗାମୀ ବିଧାନସଭା ନିର୍ବାଚନ ଦୃଷ୍ଟିକୋଣ ସହ ଯୋଡିବା ପୂର୍ବକ ଏହା ବିରୋଧରେ ପିଟିସନ୍ ଦାୟର କରିଥିଲେ । ପ୍ରକାଶ, ଆଗକୁ ବିହାର ବିଧାନସଭା ନିର୍ବାଚନ ଥିବା ବେଳେ ଏପରି ସମୟରେ ଏପ୍ରକାର ଭୋଟର ତାଲିକା ସମୀକ୍ଷାଗତ ସର୍ଭେ ପ୍ରକ୍ରିୟାକୁ ବିରୋଧୀ ଆରଜେଡି, କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳଗୁଡ଼ିକ ବିରୋଧ କରିଥିଲେ । ଜଷ୍ଟିସ୍ ସୁଧାଂଶୁ ଧୁଲିଆ ଏବଂ ଜଷ୍ଟିସ୍ ଜୟମାଲା ବାଗଚୀଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଛନ୍ତି ।

ରିପୋର୍ଟ ଅନୁସାରେ ବିଧାନସଭା ନିର୍ବାଚନ ପୂର୍ବରୁ ବିହାରରେ ଆରମ୍ଭ ହୋଇଥିବା ଭୋଟର ତାଲିକାର ସ୍ପେଶାଲ୍ ଇଣ୍ଟେନସିଭ୍ ରିଭିଜନ (ଏସ୍‌ଆଇଆର୍) ବା ସିଧାଅର୍ଥରେ କହିଲେ ଭୋଟର ତାଲିକା ସମୀକ୍ଷା ପ୍ରକ୍ରିୟା ବିରୋଧରେ ଗୁରୁବାର ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି । ଏହି ଅବସରରେ ଆବେଦନକାରୀ ଏବଂ ନିର୍ବାଚନ ଆୟୋଗ (ଇସି)ଙ୍କ ପକ୍ଷ ଶୁଣିବା ପରେ କୋର୍ଟ ଏସ୍‌ଆଇଆର୍ ଉପରେ ରହିତାଦେଶ ଦେବାକୁ ମନା କରିଦେଇଛନ୍ତି । ସୁପ୍ରିମକୋର୍ଟ ନିଜ ରାୟରେ କହିଛନ୍ତି ଯେ, ଏପ୍ରକାର ସର୍ଭେ ଦ୍ୱାରା ଗଣତାନ୍ତ୍ରିକ ପ୍ରକ୍ରିୟାକୁ କାର୍ଯ୍ୟକାରୀ କରାଯାଉଛି । ଏହାକୁ କେହି ବିରୋଧ କରିବାର କୌଣସି କାରଣ ନାହିଁ । ନିର୍ବାଚନ କମିଶନ ଏକ ସାମ୍ବିଧାନିକ ପ୍ରାଧିକରଣ । ଏପ୍ରକାର ପ୍ରକ୍ରିୟା ଚଳାଇବା ପାଇଁ ଆୟୋଗ ସମ୍ପୂର୍ଣ୍ଣ ମୁକ୍ତ ଏବଂ କ୍ଷମତାସମ୍ପନ୍ନ । ଏପ୍ରକାର ସର୍ଭେ ପ୍ରକ୍ରିୟା ଚଳାଇବାରୁ ନିର୍ବାଚନ ଆୟୋଗକୁ ବାରଣ କରାଯିବା ନ୍ୟାୟସଂଗତ ନୁହେଁ ।

## ବୀମା କମ୍ପାନୀ ଉପରେ ମଧ୍ୟ ଲାଗିବ ରୋକ୍

ନୂଆଦିଲ୍ଲୀ: ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କ ଦ୍ୱାରା ଅଧିକ ବିଲ୍‌କୁ ରୋକିବା ପାଇଁ ଭାରତ ସରକାର ବିଦ୍ୟମାନ ସ୍ୱାସ୍ଥ୍ୟ ବୀମା ଦାବି ପୋର୍ଟାଲକୁ ଅର୍ଥ ମନ୍ତ୍ରଣାଳୟ ଏବଂ ବୀମା ନିୟାମକ ଅଧୀନରେ ଆଣିବାକୁ ଯୋଜନା କରୁଛନ୍ତି । ବୃତ୍ତିଗତ ସେବା ସଂସ୍ଥା ଇଇଙ୍ଘ ର ଏକ ରିପୋର୍ଟରେ କୁହାଯାଇଛି ଯେ ୨୦୨୫ରେ ଭାରତରେ ସ୍ୱାସ୍ଥ୍ୟସେବା ଖର୍ଚ୍ଚ ୧୩ପ୍ରତିଶତ ବୃଦ୍ଧି ପାଇବାର ଆକଳନ କରାଯାଇଛି । ଏହା ବିଶ୍ୱ ହାରରେ ୧୦ ପ୍ରତିଶତ ଏବଂ ଏକ ବର୍ଷ ପୂର୍ବେ ରେକର୍ଡ ହୋଇଥିବା ୧୨ ପ୍ରତିଶତଠାରୁ ମଧ୍ୟ ଅଧିକ । ସୂତ୍ର ଅନୁଯାୟୀ, ସରକାର ଏବଂ ଭାରତୀୟ ବୀମା ନିୟାମକ ଏବଂ ବିକାଶ ପ୍ରାଧିକରଣ ଦ୍ୱାରା ଏକ ବିଶ୍ଳେଷଣରୁ ଜଣାପଡିଛି ଯେ ହସ୍ପିଟାଲଗୁଡ଼ିକ ରୋଗୀଙ୍କ ଚିକିତ୍ସା ଖର୍ଚ୍ଚ ବୃଦ୍ଧି କରୁଛନ୍ତି ଏବଂ ଅଧିକ ଟଙ୍କା ପାଇଁ ବୀମା କରୁଥିବା ରୋଗୀଙ୍କଠାରୁ ଅଧିକ ଚାର୍ଜ କରୁଛନ୍ତି ।

## ଭାରତକୁ ୫୦୦% ଶୁଳ୍କର ଧମକ୍

ୱାଶିଂଟନ୍: ରୁଷ୍ ଏବଂ ଭାରତ ମଧ୍ୟରେ ବଢୁଥିବା ବାଣିଜ୍ୟିକ ସମ୍ପର୍କକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମାତ୍ରାଧିକ କ୍ଷୁବ୍ଧ ହୋଇପଡିଛନ୍ତି । ଏପରିକି ସେ ପରୋକ୍ଷରେ ଭାରତ ଉପରେ ୫୦୦% ଶୁଳ୍କ ଲଗାଇବାକୁ ମଧ୍ୟ ଧମକ ଦେଇଛନ୍ତି । ଟ୍ରମ୍ପ୍ କହିଛନ୍ତି, ରୁଷ୍ ସହିତ ଭାରତର ବାଣିଜ୍ୟିକ ସମ୍ବନ୍ଧ ଭଲଥିବାରୁ ଆମେରିକା ଏହି ପଦକ୍ଷେପ ନେଇପାରେ । ଏହା ସମ୍ପୂର୍ଣ୍ଣ ରୂପେ ତାଙ୍କ ଇଚ୍ଛାଧୀନ ବ୍ୟାପାର ବୋଲି ମଧ୍ୟ ସେ କହିବାକୁ ପଛାଇନାହାନ୍ତି । ଗୋଟିଏ ପଟେ ଭାରତ-ଆମେରିକା ମଧ୍ୟରେ ଟ୍ରେଡ୍ ଡିଲ୍ ଚୂଡାନ୍ତ କରାଯିବା ନେଇ ପ୍ରକ୍ରିୟା ଜାରି ରହିଛି । ଏପରିକି ପୁଣିଥରେ ଭାରତୀୟ ପ୍ରତିନିଧି ଦଳ ଆମେରିକା ଗସ୍ତରେ ଯିବାର କାର୍ଯ୍ୟକ୍ରମ ମଧ୍ୟ ଚୂଡାନ୍ତ ହୋଇସାରିଛି । କୃଷି ସମ୍ବନ୍ଧିତ କେତେକ ଉତ୍ପାଦ ଉପରେ ଦ୍ୱିପାକ୍ଷିକ ଆଲୋଚନା ହେବାକୁ ବାକି ରହିଛି ବୋଲି କୁହାଯାଉଛି । ଏପରିକି ବର୍ତ୍ତମାନ ସମୟ ସୁଦ୍ଧା ଉଭୟ ଦେଶ ମଧ୍ୟରେ ହୋଇଥିବା ଆଲୋଚନା ସକାରାତ୍ମକ ରହିଥିବା ନେଇ ମଧ୍ୟ ଉଭୟ ଦେଶ ପକ୍ଷରୁ ଦାବି କରାଯାଇଆସୁଛି । ଏସବୁ ମଧ୍ୟରେ ଟ୍ରମ୍ପ୍‌ଙ୍କ ଏପ୍ରକାର ଚେତାବନୀ ପୂର୍ଣ୍ଣ ଧମକ ଭାରତ-ଆମେରିକା ଟ୍ରେଡ୍ ଡିଲ୍‌କୁ ଆହୁରି ଅଧିକ ବିଳମ୍ବିତ କରିପାରେ ବୋଲି ଆଶଙ୍କା କରାଯାଉଛି ।

ଡୋନାଲ୍ଡ ଟ୍ରମ୍ପ୍, ବର୍ତ୍ତମାନ ସୁଦ୍ଧା ୧୪ଟି ଦେଶ ଉପରେ ଅତିରିକ୍ତ ଶୁଳ୍କ (ଟାରିଫ୍) ଲାଗୁ କରିବା ନେଇ ଚିଠି କରିସାରିଛନ୍ତି । କିନ୍ତୁ ଭାରତ ଏହି ୧୪ ଦେଶ ମଧ୍ୟରେ ନାହିଁ । ଭାରତ ସହ ଟ୍ରେଡ୍ ଡିଲ୍ ଜାରି ରହିଥିବାରୁ ଆମେରିକା ଭାରତ ଉପରେ ବର୍ଦ୍ଧିତ ଟାରିଫ୍ ନୀତି ଲାଗୁ କରିନାହିଁ ବୋଲି ଟ୍ରମ୍ପ୍ ସ୍ପଷ୍ଟ କରିଛନ୍ତି । ଏବେ କିନ୍ତୁ ଯେତେବେଳେ ଭାରତ, ରୁଷ୍ ସହ ବାଣିଜ୍ୟିକ ସମ୍ପର୍କକୁ ଅଧିକ ମଜବୁତ୍ କରିବା ଦିଗରେ ଅଗ୍ରଗତି କରୁଛି ସେତେବେଳେ ଟ୍ରମ୍ପ୍ ଏପରି ଧମକ ଦେଇଛନ୍ତି । ପ୍ରକାଶ, ପୂର୍ବରୁ ଟ୍ରମ୍ପ ଚେତାବନୀ ଦେଇ କହିଥିଲେ ଯେ, ରୁଷ୍ ସହିତ ବାଣିଜ୍ୟିକ ସମ୍ପର୍କ ରଖୁଥିବା ଦେଶଗୁଡ଼ିକ ଉପରେ ସେ ବଡ଼ ଶୁଳ୍କ ଲାଗୁ କରିବେ । ଏପରି କି ସେ 'ଦ ସାଙ୍କସନିଂ ରୁଷ୍ ଆକ୍ଟ-୨୦୨୫କୁ ମଧ୍ୟ ସମର୍ଥନ କରିଥିଲେ, ଯେଉଁ ଆଇନ୍‌ରେ ରୁଷ ଠାରୁ ତୈଳଜାତ ଉତ୍ପାଦ କ୍ରୟ କରୁଥିବା ଭାରତ ଏବଂ ଚୀନ୍ ଉପରେ ୫୦୦% ଶୁଳ୍କ ଲାଗୁ କରିବାର ପ୍ରାବଧାନ ରହିଛି । ୨୦୨୫ ମସିହାର ରୁଷୀୟ ପ୍ରତିବନ୍ଧକ ଆଇନ ଭାବରେ ଜଣାଶୁଣା ଏହି ବିଲ୍, ଭାରତ ଏବଂ ଚୀନ୍ ଭଳି ଦେଶମାନଙ୍କ ଉପରେ ୫୦୦ ପ୍ରତିଶତ ଶୁଳ୍କ ଲାଗୁ କରିବାକୁ ଚାହୁଁଛି ଯେଉଁମାନେ ରୁଷୀୟ ଶକ୍ତି ଉତ୍ପାଦ କିଣିବା ଜାରି ରଖିଛନ୍ତି । ତେବେ ଏହି ପ୍ରାବଧାନ ସମ୍ପର୍କରେ ଟ୍ରମ୍ପଙ୍କୁ ଗଣମାଧ୍ୟମ ପ୍ରତିନିଧି ପ୍ରଶ୍ନ କରିବାରୁ ଏହା ସମ୍ପୂର୍ଣ୍ଣ ତାଙ୍କ ଉପରେ ନିର୍ଭରଶୀଳ ବୋଲି ଟ୍ରମ୍ପ କହିଛନ୍ତି । ଟ୍ରମ୍ପ୍‌ଙ୍କ ଏପ୍ରକାର ଧମକ ଭାରତ ଏବଂ ଚୀନ୍ ପାଇଁ ହୋଇଥିଲେ ମଧ୍ୟ ଏହା ସିଧାସଳଖ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କ ଉପରେ ଚାପ ସୃଷ୍ଟି କରିବାର ଆମେରିକାର ରଣନୀତିର ଅଂଶବିଶେଷ ।

## ଚୀନ-ପାକ୍-ବାଂଲା ମେଣ୍ଟ ଭାରତ ପାଇଁ ବିପଦ: ସିଡିଏସ୍

ନୂଆଦିଲ୍ଲୀ: ପ୍ରତିରକ୍ଷା ମୁଖ୍ୟ (ସିଡିଏସ୍) ଜେନେରାଲ ଅନୀଲ ଚୌହାନ ଏକ ବଡ଼ ବୟାନ ଦେଇଛନ୍ତି । ସମ୍ପ୍ରତି ପାକିସ୍ତାନ-ଚୀନ୍-ବାଂଲାଦେଶ ମଧ୍ୟରେ ବଢୁଥିବା ସମ୍ପର୍କ ତଥା ମେଣ୍ଟ ଉପରେ ନିଜ ମତାମତ ରଖି ଶ୍ରୀ ଚୌହାନ୍ କହିଛନ୍ତି ଯେ, ଏହି ତିନି ଦେଶ ମଧ୍ୟରେ ମେଣ୍ଟ ଗଠନ ଭାରତ ପାଇଁ ବିପଦ ସାବ୍ୟସ୍ତ ହୋଇପାରେ । ନିଜନିଜ ରଣନୈତିକ ସ୍ୱାର୍ଥ ପାଇଁ ଏମାନେ ଏକାଠି ହେବା ଭାରତର ସୁରକ୍ଷା ଓ ସ୍ଥିରତା କ୍ଷେତ୍ରରେ ବଡ଼ ଆହ୍ୱାନ ରୂପେ ଉଭା ହୋଇପାରେ ବୋଲି ସେ କହିଛନ୍ତି ।

ଅବର୍ଜଭର ରିସର୍ଚ୍ଚ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଏକ ଆଲୋଚନାରେ ଉଦ୍‌ବୋଧନ ଦେଇ ଜେନେରାଲ ଚୌହାନ କହିଛନ୍ତି ଯେ ନିଜର ସ୍ୱାର୍ଥ ପାଇଁ ଚୀନ୍, ପାକିସ୍ତାନ ଓ ବାଂଲାଦେଶ ଏକାଠି ହୋଇପାରନ୍ତି । କାରଣ ସେମାନେ ଭଲଭାବେ ଜାଣିସାରିଛନ୍ତି ଯେ, ସେମାନଙ୍କ ସ୍ୱାର୍ଥ କେବଳ ପରସ୍ପର ସହ ସମ୍ପର୍କ ଭଲ ରଖି ହିଁ ସଫଳ ହୋଇପାରିବ । କିନ୍ତୁ ଏହା ଭାରତର ସୁରକ୍ଷା ପାଇଁ ଗମ୍ଭୀର ବିପଦ ହୋଇପାରେ । ଏହା ଭାରତର ସୁରକ୍ଷା ଢାଞ୍ଚାର ପରୀକ୍ଷା ନେଇପାରେ । ଏଣୁ ଦକ୍ଷିଣ ଏସିଆରେ ହେଉଥିବା ନୂଆ ନୂଆ ମେଣ୍ଟଗୁଡ଼ିକ ଉପରେ ଏବେ ଠାରୁ ତୀକ୍ଷ୍ଣ ବିଶ୍ଳେଷଣ ଜରୁରୀ ବୋଲି ସେ ଭାବୁଛନ୍ତି । ଭାରତ ମହାସାଗରୀୟ ଅଞ୍ଚଳରେ ବଢିଚାଲିଥିବା ବାହ୍ୟ ପ୍ରଭାବ ଉପରେ ମଧ୍ୟ ଜେନେରାଲ ଚୌହାନ ଆଲୋକପାତ କରିଛନ୍ତି । ଭାରତ ମହାସାଗରୀୟ ଅଞ୍ଚଳର ଦେଶଗୁଡ଼ିକର ଅର୍ଥନୈତିକ ସ୍ଥିତିରେ ଅବନତି ଆସିବା ଯୋଗୁଁ ସେଠାରେ ବାହ୍ୟ ଶକ୍ତିମାନଙ୍କ ପ୍ରଭାବ ବଢିଚାଲିଛି ବୋଲି ସେ କହିଛନ୍ତି ।



# ଜୟଦେବ ବାଟିକାରେ ପିକନିକ୍

ଖରା ଟାଣ ହୋଇନଥିଲା
ସେମାନେ ପହଞ୍ଚିଗଲେ ସ୍ଲଟ୍ ନମ୍ବର ୧୩ରେ
ତଳେ ବିଛେଇଦେଲେ ଦରିଟିଏ
ଡାଲା ଅଟୋରୁ ଟେକି ଆଣିଲେ
ଖପାଖପ୍ କିଛି ପ୍ଲାଷ୍ଟିକ ଚେୟାର
ଗ୍ୟାସ ଟାଙ୍କି ଲଗେଇଦେଇ  ପାଣି ଗରମ କଲେ
ବାସ୍ ଆରମ୍ଭ ହୋଇଗଲା ପିକନିକ୍।
ଧୀରେ ଧୀରେ ଆସୁଥିଲେ ଜଣକ ପରେ ଜଣେ
କିଏ ଏକାକୀ ତ କେହି ସପରିବାର
ସେପଟୁ ରୋଷେୟା ନନା ଘୋଷଣା କଲେ –
ଷ୍ଟାର୍ଟର ରେଡି
ଟିକିଏ ଟିକିଏ ପାଟିରେ ପଡୁ
ଆଜ୍ଞାମାନେ କୁହନ୍ତୁ କେମିତି ଲାଗୁଚି ।
ଚିକେନ ପକୋଡା ଦି’ ପିସ୍ ପାଟିରେ ଦେଇ
ଜଣେ ଚିଲେଇଲା – ଆଃ !
ପୂରା ଚୋଖା, ମାଲ୍ ମହୁ।
ଜମି ଆସୁଥିଲା ଆସର।
କିଛି ବନ୍ଧୁ ଖେଦିଗଲେ ଚଉଦିଗେ
ଫଟୋ ଉଠାଇବା ପାଇଁ
ଭଲ ବ୍ୟାକଗ୍ରାଉଣ୍ଡ ସନ୍ଧାନରେ,
ଜଣେ ବନ୍ଧୁ ଚିଲେଇଲେ–
ଏମିତି ଚୁପଚାପ୍ ବସିରହିଲେ କି ମଜା ମ !
କିଛି ଧୁମ୍‌ଧଡ଼ାକ୍ ହଉ
ଖାଲି କ’ଣ ଭାତଟେ ହବ, ଡାଲିଟେ ହବ !
ଏତିକିରେ ପିକନିକ୍ କ’ଣ ଜମିବ ?
ବାସ୍। ସମସ୍ତେ ଯେମିତି
ଅପେକ୍ଷା କରିଥିଲେ ଏଇ ମୁହୂର୍ତ୍ତକୁ।
କିଏ ସୂର ଧରେଇଲା – ହୃଦୟର ଏଇ ଶୂନ୍ୟତାକୁ
କା’ ହାତରେ ତାସ୍‌ମୁଠା
ଦଳେ କରିଲେ ଅନ୍ତାକ୍ଷରୀ–
“ବୋଇଲା ରାମ ଯେ ଲଇକ୍ଷଣ ଗଲେ ମୃଗ ମାରି”
ଆଉ କେତେଜଣ ଗୀତର ତାଳେ ତାଳେ
ଆରମ୍ଭ କରିଦେଲେ ମ୍ୟୁଜିକ ଚେୟାର।
ସୂର୍ଯ୍ୟ ଏବେ ପଶ୍ଚିମ ମୁହାଁ
ବିଶାଳ ବଟବୃକ୍ଷର ପତ୍ର ଆଢୁଆଳରେ
ନଇଁଯିବାର ଉପକ୍ରମ
ପତ୍ର ପ୍ଲେଟ୍ ଧରି ସମସ୍ତେ ହାଜର
ଅନ୍ନ ଚିନ୍ତା ଚମତ୍କାର
ଭୋଜନ, ଗୃପ୍ ଫଟୋ,
ଗୁଲିଗପ, ରଙ୍ଗ ରହସ୍ୟ ଭିତରେ
କେତେବେଳେ ସମୟ ଗଡ଼ିଗଲାଣି
ଏଥର ବିଦାୟ ନେବାର ବେଳ
ପିକନିକ୍ ସାରିବାର ବେଳ।

**ଶତ୍ରୁଜିତ୍**
ସମ୍ପର୍କ: ୯୮୬୧୫୫୦୭୬୧

# ସତରେ ପ୍ରେମ ଏକ ନିଆରା ଅନୁଭୂତି

ସତରେ ପ୍ରେମ ଏକ ନିଆରା ଅନୁଭୂତି !
କେବେ ସ୍ୱପ୍ନ ବାନ୍ଧିବାକୁ ସାହସ ଦିଏ ତ କେବେ ସ୍ୱପ୍ନ
ଭାଙ୍ଗିବାର ଯନ୍ତ୍ରଣାକୁ ସହିବାକୁ ଧୈର୍ଯ୍ୟ ଦିଏ।
ସତରେ ପ୍ରେମ ଏକ ନିଆରା ଅନୁଭୂତି !
ପ୍ରେମ କେବେ ଦିଏ ପ୍ରେରଣା
ପ୍ରେମ କେବେ ଶିଖାଏ ପ୍ରତାରଣା।
ପ୍ରେମ କେବେ ଶିଖାଏ ଛଳନା
ପ୍ରେମ କେବେ କରିଦିଏ ମଣିଷକୁ ଖେଳଣା।
ପ୍ରେମ କେବେ ପୁଲକିତ କରେ ହୃଦୟକୁ
ପ୍ରେମ କେବେ ଥରେଇ ଦେଇ ହୃଦୟର ସ୍ପନ୍ଦନକୁ।
ପ୍ରେମ କେବେ ଦୁଇଟି ମନର ବୁଝାବଣା
ପ୍ରେମ କେବେ ଦିଏ ଅନେକ ଯନ୍ତ୍ରଣା।
ପ୍ରେମ କେବେ ବିତିଯାଇଥିବା ଅତୀତର ନିସ୍ତବ୍ଧ ରାତି
ପ୍ରେମ କେବେ ଭରପୁର ଯନ୍ତ୍ରଣାର ଅନୁଭୂତି।
ପ୍ରେମ କେବେ ସାଜେ ସମ୍ପର୍କ ନିଶ୍ୱାସ
ପ୍ରେମ କେବେ ଭାଙ୍ଗିଦିଏ ସମ୍ପର୍କର ବିଶ୍ୱାସ ।
ପ୍ରେମ କେବେ କେବେ ଦେଖାଏ ଅନେକ ସ୍ୱପ୍ନ
ପ୍ରେମ କେବେ କରେ ମଣିଷକୁ ଅନାବୃତ୍ତ
ପ୍ରେମ କେବେ ସାଜେ ନିଝୁମ ରାତିର ସାଥି
ପ୍ରେମ କେବେ ସାଜେ ଶିତ ସକାଳ ଖରାର ତାତି ।
ପ୍ରେମ କେବେ ଦିଏ ଅନେକ ଆଖିରେ ଲୁହ
ପ୍ରେମ କେବେ ଭରିଦିଏ ଅନେକ ଛାତିରେ କୋହ।
ପ୍ରେମ କେବେ ସାଜେ ଦେବତା ତୁଲ୍ୟ
ପ୍ରେମ କେବେ ଖୋଜେ ବିତିଯାଇଥିବା ଅତୀତର ସଠିକ୍ ମୂଲ୍ୟ।
ପ୍ରେମ କେବେ କରେ କାହାଠୁ କାହାକୁ ବିଚ୍ଛିନ୍ନ
ପ୍ରେମ କେବେ ଲଗେଇ ଦିଏ ଚରିତ୍ରରେ ଦାଗ ରୁପି ଚିହ୍ନ।
ପ୍ରେମ କେବେ ଦିଏ ଅନେକେ ଆତ୍ମାକୁ ଶାନ୍ତି
ପ୍ରେମ କେବେ ଦେଇ ଯାଏ ନିଆରା ଅନୁଭୂତି।
ସତରେ ପ୍ରେମ ଏକ ନିଆରା ଅନୁଭୂତି...

**ବ୍ୟୋମକେଶ ମିଶ୍ର**
ଭୁବନେଶ୍ୱର, ଖୋର୍ଦ୍ଧା

# ଅନାଦି ଅନନ୍ତ

ଅନ୍ତର ବୃନ୍ତରେ ଦୁଇଗୋଟି
ପୁଷ୍ପ ଫୁଟେ ସଦା ସାଥି ହୋଇ।
ଗୋଟିଏ ଦୁଃଖର ନିଦାଘରେ
ଶୁଷ୍କ ଆନ ସୁଖେ ହସୁଥାଇ ॥
ସୁଖ କଳିକାକୁ ଛାଇ ଦେଇ
ସିନା ଦୁଃଖ ପୁଷ୍ପ ଶୁଖିଯାଏ।
ହେଲେ ସୁଖ ପୁଷ୍ପ ନବ କଳିକାକୁ
ସେହି ମତେ ଛାଇ ଦିଏ ॥
ଈଶ୍ୱର ସୃଷ୍ଟିର ଯେତେ ତରୁଲତା
ଅବା ଯେତେ ପଶୁପକ୍ଷୀ ।
ସମସ୍ତେ ଏପରି ସହଯୋଗ କ୍ରିୟା
ଅଚିରେ ଯାଆନ୍ତି ଶିଖି ॥
କେବଳ ମଣିଷ ଭିତରେ ଯେହେତୁ
ବେଶୀ ଜ୍ଞାନ ଦେଲେ ଭରି।
ସେ ଲାଗି ମଣିଷ ଅନ୍ୟ ପ୍ରାଣେ
କଷ୍ଟ ଦିଏ ବୁଦ୍ଧି ଭ୍ରଷ୍ଟ କରି ॥
ନାନା ପୂଜା ବ୍ରତ ବିଦ୍ୟା ଧନ
ଜନ ଅର୍ଜନ କରେ ଜୀବନେ ।
ହେଲେ ନିଜ ସ୍ୱାର୍ଥ ଅନ୍ଧକାରେ ବୁଡ଼ି
ହସେ ଅନ୍ୟର କଷଣେ ॥
ଅନେକ ଗଲେଣି ଏ କର୍ମଭୂମିରୁ
ବିଦାୟ ଡେଙ୍ଗୁରା ପିଟି।
ହେଲେ ଯେ ଅଛନ୍ତି ହେଳେ
ନ ହେଜନ୍ତି ନିତି ସାଉଁଟନ୍ତି ମାଟି ॥
ପଞ୍ଚ ଭୂତେ ଗଢା ଶରୀର ରଥରେ
ସାରଥୀ ପରମ ଏକା।
ତହିଁ ମନ ପ୍ରାଣ ଧ୍ୟାନ ଯତ୍ନ କଲେ
ସୁଖେ ଯିବ ଜୀବ ନୌକା ।।
ଓଲଟ ବୃକ୍ଷର ମଧ୍ୟଭାଗେ ଖେଳେ
ଶ୍ୱେତ କୃଷ୍ଣ ଦୁଇ ପାରା ।
ଗୋଟିଏ ସ୍ୱାଦରେ ବାଟବଣା ହୁଏ
ଆନଟି ନ ଦିଏ ଧରା ॥
ସେ ପାରା ଦୁହିଁଙ୍କ ମଧ୍ୟରେ
ସମ୍ବନ୍ଧ ଆଦିରୁ ଅନାଦି କାଳ।
ପରଖି ପାରିଲେ ସଳଖି ଚାଲିବ
ପରମ ପୁରୁଷ କୋଳ ॥
ଯହିଁ ଦିବ୍ୟ ଆଭା ହୁଏ
ପ୍ରକାଶିତ ଆହ୍ଲାଦିତ ମଧୁପୁର।
ସେ ଦିବ୍ୟ ଧାମର ଆନନ୍ଦ କାନନେ
ରୁହରେ ମନ ଭ୍ରମର ॥
ମିଛ ମାୟା ଜାଲ ଗଣ୍ଠିକୁ ଛିଣ୍ଡାଇ
ଧର୍ମ ଧନ କର ଠୁଳ।
ଅଦୃଶ୍ୟ ଦେଖିବୁ ମୁଦ୍ରିତ ନେତ୍ରରେ
ଆଲୋକ ଶୁଭ୍ର ଶୀତଳ ॥
ଏ ମାୟାପୁରୀର ଭ୍ରମରୁ ବାହାରି
ନିଜ ପୁରେ କର ଧ୍ୟାନ।
ଅନାଦି ଅନନ୍ତ ଭିତରେ
ଖୋଜିଲେ ଲଭିବୁ ମହାନିର୍ବାଣ ॥

**ସସ୍ମିତା ମହାପାତ୍ର**
ପୁରୁଣା ଭୁବନେଶ୍ୱର

# ଭରସା

## ବିଜୟିନୀ ଶତପଥୀ



ଦିଅଁଙ୍କ ପୂଜା ସାରି ହାତ ଟେକିଲେ ନରସିଂହ ମିଶ୍ର। “ହେ ଜଗନ୍ନାଥ ! ତୁମେ ଭରସା।” ଛୋଟିଆ ଘର। ଘରର ଡାହାଣକୁ ଦିଅଁଘର। ଓଡ଼ଗାଁରୁ ଭଞ୍ଜନଗର ଯିବା ବାଟରେ ପଡ଼େ ତାଙ୍କ ଗାଁ। ରୋଜଗାର ଆଉ କ’ଣ ? କେତେ ଘରେ ଯଜମାନୀ, ଜାତକଦେଖା। ମାଣେ ବୋଲି ଚାଷଜମି। ପ୍ରଭୁ ଚଳେଇନେଉଛନ୍ତି ସୁଖେଦୁଃଖେ। ମିଶ୍ର ଲୋକଟି ଭାରି ନିଷ୍କପଟ। ପରନିନ୍ଦା, ପରଚର୍ଚ୍ଚାର ପାଖ ପଶନ୍ତିନାହିଁ। ଛଅ ପ୍ରାଣୀ କୁଟୁମ୍ବ। ନନା ବୋଉ ଗତ ହେବାର ଦି’ବର୍ଷ ହେଲାଣି। ସ୍ତ୍ରୀ ମନୋରମା। ତିନୋଟି ଝିଅ। ଗାୟତ୍ରୀ, ଜୟନ୍ତୀ ଓ କ୍ଷୀରାବ୍ଧି। ପୁଅଟିକୁ ଚାହିଁ ତିନି ଝିଅ। ପୁଅଟି ସବାସାନ। ୧୦ ପୁରି ୧୧ରେ ମାଜିଯାଚି ପୁଅର ବ୍ରତଘର କଲେ। ଏବେ ଏବେ ପୂଜା ବି ଶିଖିଗଲାଣି ବାର ବର୍ଷରେ। ଆଗକୁ କ’ଣ କରିବ ଠାକୁରେ ଜାଣନ୍ତି। ଝିଅ ତିନୋଟି ଆଗପଛ ହୋଇ ଗାଁ ସ୍କୁଲରୁ ମାଟ୍ରିକ୍ ପାଶ୍ କରିଛନ୍ତି। ବଡ଼ଟିକୁ ତେଇଶ ଚାଲିଲା। ପୁଅଟି ସପ୍ତମରେ। ମାଷ୍ଟ୍ରେ କହୁଥିଲେ ପୁଅର ପାଠ ଭାରି ଭଲ। ହେଲେ କ’ଣ କରିପାରିବ ସେ ! ପ୍ରଭୁ ଇଚ୍ଛା। ହାତ ଯୋଡ଼ିଲେ ମିଶ୍ରେ।

ଠାକୁର ପୂଜା ସରିଲାବେଳକୁ ଖରା ଅଗଣା ଡେଇଁଲାଣି। ଆଜି ଗୋଟେ ଘର ପ୍ରତିଷ୍ଠା ଅଛି। ସେଇଠୁ ଡାକିଲେ ସ୍ତ୍ରୀଙ୍କୁ। ହଇହୋ ! ଶୁଣୁଛ। କ’ଣ ଟିକେ ଦିଅ। ବହୁତ ବାଟ ଯିବାକୁ ପଡ଼ିବ ମତେ। ଠାକୁରଙ୍କ ଭୋଗକଦଳୀ ଓ ଚୂଡ଼ା ଚକଟି ଦେଇଗଲେ ମନୋରମା। ଖାଉ ଖାଉ ଉଣେଇଶି ବର୍ଷର ସାନଝିଅ ପାଖରେ ଠିଆହେଲା। ବାପା ! ମୁଁ ଟିକେ ସିଲେଇ ଶିଖିଲେ ହୁଅନ୍ତାନି ? ମଝିଆଁ ନାନୀ ଓ ବଡ଼ନାନୀ ହାତ କାମରେ ମତେ ସାହାଯ୍ୟ କରିବେ। ମିଶ୍ରେ ହସିଦେଲେ। ସେ ଜାଣନ୍ତି ଭାଇକୁ ପାଠପଢ଼ାଇ ମଣିଷ କରିବାକୁ ତା’ ନାନୀମାନଙ୍କର ଭାରି ମନ। ଝିଅ ତିନୋଟି ଅତି ମେଧାବୀ ନ ହେଲେ ବି ଭଲ ପଢୁଥିଲେ। ସିଟି କରିଥିଲେ ନିଶ୍ଚେ ଚାକିରୀ ପାଇଥା’ନ୍ତେ। ନିଜର ସମ୍ବଳ ନାହିଁ। କାନ୍ଧ ମିଳାଇବାକୁ ଭାଇଟିଏ ବା ଶଳାଟିଏ ନାହିଁ। ନ ଥିଲା ଘରର ଏକୁଟିଆ ଝିଅ ମନୋରମା। ‘ନନା’ ତୋଳାକନିଆଁ କରି ଆଣିଥିଲେ। ଚାରିଟି ଛୁଆ, ଦୁଇଟି ଗାଈ, ଶାଶୂଶ୍ୱଶୁର ଘରଜଞ୍ଜାଳରେ ଭାଙ୍ଗିଗଲେ ମନୋରମା। ତଥାପି ସେଇଥିରେ ଅଳସ ନାହିଁ। ସବୁବେଳେ କାମ କରୁଥା’ନ୍ତି। ଗାଈଙ୍କର କାମ, ଧାନସିଝା, ବଡିପରା, ଗହମ ପାଛୁଡ଼ି ଧୋଇଶୁଖେଇ ରଖିବା, ଦିଅଁଙ୍କ ପାଇଁ ଗଜା କୋରା ଖଇ କରିବା – ଏ ସବୁଥିରେ ଦିନରାତି ଲାଗିଥା’ନ୍ତି। ତାଙ୍କ ହାତର ଭୋଗ ଆଖପାଖ ପାଞ୍ଚଖଣ୍ଡ ଗାଁର ଲୋକ ଦୋଳ, ଦଶହରା, ରାମନବମୀ, ରଥଯାତବେଳେ ଆଗତୁରା ପଇସାଦେଇ କିଣିନିଅନ୍ତି। ବଡ଼ଝିଅ ରୋଷେଇ ଓ ଭୋଗ ତିଆରିରେ ବୋଉକୁ ପୁରା ସାହାଯ୍ୟ କରେ। ରାତିରେ ଭାଇକୁ ପାଠ ପଢ଼ାଏ। ମଝିଆଁ ବାଡିରେ ଢେର୍ ଫୁଲଗଛ ଲଗେଇଛି। ପାଣି ଦିଏ। ମୂଳ ସଫା କରେ। ଫୁଲ ତୋଳି ମାଳ ଗୁନ୍ଥେ। ମନ୍ଦିରମାନଙ୍କରେ ଦିଏ। ଦିଅଁଙ୍କ ପୂଜା ସଜାଡ଼େ। ପର୍ବଦିନରେ ଫୁଲମାଳ ପାଇଁ ତାକୁ କିଏ କିଏ ବରାଦ କରନ୍ତି। ସେ ମନ ଖୁସିରେ କରେ। କିଏ କିଛି ଯାଚିଲେ ମନାକରେ। ଠାକୁର ପିନ୍ଧିବାକୁ ଫୁଲ ଫୁଟେଇଛନ୍ତି ବୋଲି କହେ। ସମସ୍ତେ ତାକୁ ଭାରି ଭଲପା’ନ୍ତି। ସାନଟି ଟ୍ୟୁସନ୍ କରେ। ବୋଉର ଦେହପା’, ପର୍ବ କଥା ବୁଝେ। ଲକ୍ଷ୍ମୀପ୍ରତିମା ପରି ଝିଅ ତିନୋଟି ତାଙ୍କର। ଅଳିଅର୍ଦ୍ଦଳି ନାହିଁ। ନମ୍ର। ଚଞ୍ଚଳ।

ବାପା ! ଝିଅର ଡାକରେ ଭାବନା ଭାଙ୍ଗିଲା ମିଶ୍ରଙ୍କର। ଚୂଡ଼ାଖିଆ ସରିଥିଲା। ହାତ ଧୋଉ ଧୋଉ ସାନଝିଅକୁ କହିଲେ, “ମା’ଲୋ ! ତୁ ତ ତୋ ବାପା କଥା ଜାଣିଛୁ। ମେସିନ୍‌ଟେ ନହେଲେ ସିଲେଇ ଶିଖିବୁ କେମିତି ଯେ ?” କହିସାରି ହସିଦେଲେ ମିଶ୍ରେ। ତାଙ୍କର ଗ୍ଲାନିବିହୀନ ପିଲାଳିଆ ହସ ଦେଖି ହସିଲା ଝିଅ। କହିଲା – “ପଞ୍ଚାୟତ ସମିତି ତରଫରୁ ଟାଉନ୍‌ରୁ ଆସି ସିଲେଇ ଶିଖେଇବେ।” ସୋସାଇଟି ଲୋନ୍ ଦେବ। ସେଥିରେ ମେସିନ୍ କିଣିବି। ସିଲେଇ କରି ଶୁଝିବି। ପ୍ରତି କଥାରେ “ଜଗନ୍ନାଥ ଭରସା” ପିଲାଙ୍କୁ ଦମ୍ଭ ଦେଇ ଆସିଛି। ହଉ, କ’ଣ କରୁଛୁ କର କହି ଝିଅ ମୁଣ୍ଡରେ ସ୍ନେହରେ ହାତ ବୁଲାଇଲେ ମିଶ୍ରେ। ତା’ପରେ ଘର ପ୍ରତିଷ୍ଠାକୁ ବାହାରିଲେ।

ସିଲେଇ ଶିଖିବାର ବର୍ଷେ ପରେ। ତିନି ଭଉଣୀ ବସି କଥା ହେଉଛନ୍ତି। ଠାକୁରଙ୍କ ବସ୍ତ୍ର, ପଗଡ଼ି ଘେର ସିଲେଇ କରିବେ। ଜିନିଷ କୋଉଠୁ ମଗେଇବେ ସେ କଥା ବି ବୁଝିରଖିଛନ୍ତି। ଏତେ ଅର୍ଡର୍ ଆସୁଛି କାମ କରିବାକୁ ସମୟ କମ୍। ଘରର ଅବସ୍ଥା ବି ସାମାନ୍ୟ ସ୍ୱଚ୍ଛଳ ହେଇଛି। ସମସ୍ତଙ୍କ ମୁହଁରେ ହସ। ଦିଅଁଙ୍କୁ ସେଦିନ ସନ୍ତୁଷ୍ଟ ଭାବରେ ସାଷ୍ଟାଙ୍ଗ ଦଣ୍ଡବତ କଲେ ମିଶ୍ରେ। “ମହାପ୍ରଭୁ ହେ !” ମୁଁ ଦୀନ ଅକିଞ୍ଚନ। ଚବିଶ ବର୍ଷ, ବାଇଶ ବର୍ଷ ଓ କୋଡ଼ିଏ ବର୍ଷର ଗୁଣବତୀ ଝିଅ ତିନୋଟିଙ୍କୁ କୁଳରେ ଲଗାଅ। ତୁମେ ହିଁ ଭରସା।


ଏପ୍ରିଲ ମାସର ଦିପହର। ୧୯୯୭ ମସିହା। ଆଠ ମାସ ତଳେ ମହାପ୍ରଭୁଙ୍କର ନବକଳେବର ସରିଛି। ଦିଅଁଙ୍କ ପିଣ୍ଡାରେ ରାମନବମୀ ସନ୍ଧ୍ୟା ପାଇଁ କାଠଚମ୍ପାର ମାଳ ଗୁନ୍ଥୁଛି ମଝିଆଁ। ସାନ ଓ ବଡ଼ଝିଅ ପାଖରେ ବସିଛନ୍ତି। ତୁଳସୀ ଓ ଫୁଲ ଅଲଗା କରି ସଜାଡ଼ି ରଖୁଛି ସାନଭାଇ। ବଡ଼ଗାଡ଼ିଟେ ଦୁଆରେ ଲାଗିଲା। ବୟସ୍କ ଲୋକ ଜଣେ ଗାଡ଼ିରୁ ଓହ୍ଲେଇ ମାଗିଲେ – “ମା’ମାନେ। ଟିକେ ପିଇବା ପାଣି ଦେବ ?” ଅଗଣା କୁଅରୁ ପାଣି କାଢ଼ି ଅତି ଆଦରରେ ସେମାନଙ୍କୁ ପାଣି ପିଆଇଲେ ପିଲାମାନେ। ତାଙ୍କ ମୁହଁର ସରଳ ଆଭାକୁ ଚାହିଁଥାନ୍ତି ଭଦ୍ରଲୋକ। ପାଣି ପିଇସାରି ସେମାନେ ଚାଲିଗଲେ।

ତିନି ଦିନ ପରେ। ମିଶ୍ରେ ଗାଁର ଶିବମନ୍ଦିର “ବାଲୁଙ୍କେଶ୍ୱର”ଙ୍କ ଦର୍ଶନ କରି ବାହାରୁଛନ୍ତି – ଭଦ୍ରଲୋକ ଜଣେ ତାଙ୍କ ବାଟ ଓଗାଳିଲେ। ମୁଁ ବରହମ୍‌ପୁରର ବ୍ୟବସାୟୀ ଭାଗବତ ଶୁକ୍ଳ ନିଜର ପରିଚୟ ଦେଇ ସେ କହିଲେ, ମୁଁ ଜଣେ ବ୍ରାହ୍ମଣ। ଆପଣଙ୍କୁ କିଛି ମାଗିବାକୁ ଆସିଛି। ଦି’ପାଦ ପଛକୁ ଘୁଞ୍ଚିଗଲେ ମିଶ୍ରେ। ଅଭାବି ବ୍ରାହ୍ମଣଟିଏ ମୁଁ ଆଜ୍ଞା। କାହିଁକି ମୋତେ ଏତେ ବଡ଼ କଥାଟେ କହିଲେ ? କ’ଣ ମୋ ପାଖରେ ଅଛି ଆପଣଙ୍କୁ ଦେବାକୁ ? ମୁଁ ବି ଆପଣଙ୍କୁ ଚିହ୍ନିନି କି ଜାଣିନି। ମିଶ୍ରଙ୍କ ହାତ ଧରି ମନ୍ଦିର ପାହାଚରେ ବସିଲେ ଶୁକ୍ଳବାବୁ। ତାଙ୍କ କଥା ଶୁଣାଇଲେ। ସେମାନେ ତିନିପୁରୁଷର ଧନୀ ବ୍ୟବସାୟୀ। କିଛି ଅଭାବ ନାହିଁ ତାଙ୍କର। ଘରେ ଶ୍ରୀରାମ ଇଷ୍ଟଦେବତା ରୂପରେ ପୂଜା ପାଉଛନ୍ତି। ଘରେ ଆମିଷ ନାହିଁ। ତିନୋଟି ପୁଅ। ବ୍ୟବସାୟରେ ଲାଗିଗଲେଣି। ସ୍ତ୍ରୀଙ୍କର ଇଚ୍ଛା ଘର ସବୁବେଳେ ଯୋଡ଼ି ହୋଇ ରହିଥିବ। ଭାଙ୍ଗିବନାହିଁ। ଓଡ଼ଗାଁରେ ଠାକୁରଙ୍କ ଦର୍ଶନ ସହିତ ଝିଅ ଦେଖିବାକୁ ତିନିଦିନ ତଳେ ଯାଇଥିଲେ ସପରିବାର। ସେଠି ସମ୍ବନ୍ଧ ହେଲା ନାହିଁ। ଫେରିବା ବାଟରେ ଝିଅମାନଙ୍କ ହାତରୁ ପାଣି ପିଇ ଫେରିଲେ। ଘରେ ସ୍ତ୍ରୀ ଅଡ଼ିବସିଛନ୍ତି ସେଇ ଝିଅ ତିନୋଟି ଆମର ବୋହୂ ହେବେ। ମୋର ଜାତକ, ଯୌତୁକ କିଛି ଲୋଡ଼ା ନାହିଁ। ଆପଣ ମନା କରିବେନି। ବଡ଼ ବଡ଼ ଆଖିକରି ଚାହିଁଲେ ମିଶ୍ରେ। ଏ ଯୁଗରେ ଏମିତି ବି ହୋଇପାରେ ! ସତ ନାଁ ସ୍ୱପ୍ନ ! “ପ୍ରଭୁ”। ଆଖିରୁ ଲୁହଧାର ବୋହିଆସିଲା।


ଶୁକ୍ଳବାବୁ ସାମ୍‌ନାକୁ ଆସି କହିଲେ – “ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ। ଆପଣଙ୍କ କଥା ମୁଁ ସବୁ ଜାଣିଛି। ଆପଣ ସଙ୍କୁଚିତ ହେବା ପରି କିଛି ବି ହେବନି। ବର ରୋଷଣୀ, ବେଦୀ, ଭୋଜିଭାତ, ବରଯାତ୍ରୀ ଚର୍ଚ୍ଚା ସବୁ ଆପଣ କରିବେ। ସୁବେଶରେ ଝିଅମାନେ ବୋହୂ ହେବେ। ପଛରେ ରହି ମୁଁ ସବୁ ବୁଝିବି। ଧରିନିଅନ୍ତୁ ଏୟା ହିଁ ପ୍ରଭୁଙ୍କର ଇଚ୍ଛା। ନଇଁପଡ଼ିଲେ ମିଶ୍ରେ। ଶୁକ୍ଳବାବୁଙ୍କ ହାତ ଧରି କାନ୍ଦି ପକେଇଲେ। ସୁରୁଖୁରୁରେ ସବୁ କାମ ସରିଲା। ଗୋଟିଏ ଘରକୁ ବୋହୂ ହୋଇ ଚାଲିଗଲେ ତିନି ଝିଅ।

ଦଶବର୍ଷ ପରେ। ନିଜର କୌଳିକ ବ୍ୟବସାୟ ସହିତ ଭାଗବତ ଶୁକ୍ଳଙ୍କର ‘ପୁରୁଷୋତ୍ତମ ବସ୍ତ୍ରଭଣ୍ଡାର’ ଏବେ ଚର୍ଚ୍ଚାରେ। ସେଠି ଖାଲି ଠାକୁରଙ୍କ ଲୁଗା ମିଳେ। ଘର ପାଖରେ ଖଜା, ଉଖୁଡ଼ା ଓ କୋରାଖଇର ହୋଲ୍‌ସେଲ୍ ଦୋକାନ। ମଝିଆଁର ଫୁଲବଗିଚାରେ ଚମ୍ପା, ସୁଗନ୍ଧରାଜର ମହକ। ଝିଅମାନେ ବ୍ୟବସାୟରେ ମନ ଦେଇଛନ୍ତି। ଶୁକ୍ଳବାବୁ ଗୁଣବତୀ ସ୍ନେହୀ ବୋହୂ ତିନୋଟି ପାଇ ସ୍ତ୍ରୀଙ୍କ ସହିତ ଶାନ୍ତିରେ ଅଛନ୍ତି। ପୁଅମାନଙ୍କର ଉନ୍ନତି ପରେ ଉନ୍ନତି। ମିଶ୍ରେ ମନାକରିବା ସତ୍ତ୍ୱେ ଜୋର୍ କରି ସମୁଦି ଚାରିବଖରା କୋଠାଘର କରାଇଲେ। ପୁଅକୁ ପଢ଼ାଇଲେ। ପୁଅ ଏବେ ବ୍ୟାଙ୍କରେ ଚାକିରୀ ପାଇଛି। କୁହୁକ ପରି ସବୁ ବଦଳିଯାଇଛି। କିନ୍ତୁ ବଦଳିନି ମିଶ୍ରଙ୍କର କଥାପଦେ– “ହେ ପ୍ରଭୁ ଜଗନ୍ନାଥ ! ତୁମେ ଭରସା।”

ଭୀମଟାଙ୍ଗି, ଭୁବନେଶ୍ୱର


ମେଣ୍ଡି


ଓକିକୋ



# ଭୂତ କଣ୍ଢେଇ

**ଛୋଟ ପିଲାଙ୍କୁ ବେଶ୍ ଭଲ ଲାଗେ କଣ୍ଢେଇ ହେଲେ ଯଦି ଖେଳୁ ଖେଳୁ ସେଇ କଣ୍ଢେଇ ଆଖି ମିଟ୍ ମିଟ୍ କରେ, ଅଧା ରାତିରେ କାନ୍ଦ ଓ ଘର ସାରା ଆପେ ଘୁରି ବୁଲେ ତେବେ...। ଅବାସ୍ତବ ଲାଗିଲେ ବି ଏମିତି କଣ୍ଢେଇ ଅଛି। ଆଉ ସେଗୁଡ଼ିକୁ ଦେଖିଲେ ଭୟରେ ଦେହ ଶୀତେଇ ଯାଏ।**

ଏନାବେଲା: ୧୯୭୦ ମସିହାର କଥା। ୨୮ତମ ଜନ୍ମଦିନ ଅବସରରେ ଆମେରିକାର ଡୋନା (ଯେକି ନର୍ସ ଥିଲେ)ଙ୍କୁ ତାଙ୍କ ମା' ଏକ ସୁନ୍ଦର କଣ୍ଢେଇ ଉପହାର ଦେଇଥିଲେ। ଯାହାର ଥିଲା ଦୁଇଟି ଗୋଲ ଗୋଲ ବଡ଼ ବଡ଼ ଆଖି, ତ୍ରିଭୂଜାକାର ଲାଲ ନାକ ଓ ଏକ ବଡ଼ ହସ ଥିବା ଓଠ। ଏହି ସୁନ୍ଦର କଣ୍ଢେଇଟିକୁ ପାଇ ଡୋନା ବହୁତ ଖୁସି ହୋଇଯାଇଥିଲେ। ପରେ ସେ ନିଜ ଆପାର୍ଟମେଣ୍ଟକୁ କଣ୍ଢେଇଟିକୁ ନେଇଯାଇଥିଲେ। ଆଉ ବାନ୍ଧବୀ ତଥା ନର୍ସ ଆଙ୍ଗିଙ୍କ ସହ କଣ୍ଢେଇକୁ ଶେୟାର କରିଥିଲେ। କଣ୍ଢେଇଟିକୁ ଲିଭିଂ ରୁମ୍‌ରେ ବସାଉଥିଲେ। କିନ୍ତୁ କିଛି ଦିନ ପରେ ଦୁଇ ବାନ୍ଧବୀ ଲକ୍ଷ୍ୟ କଲେ କଣ୍ଢେଇଟି ନିଜ ଇଚ୍ଛା ମୁତାବକ ସ୍ଥାନ ପରିବର୍ତ୍ତନ କରୁଛି। ଅର୍ଥାତ୍ କାମକୁ ଯିବା ପୂର୍ବରୁ ଲିଭିଂ ରୁମ୍‌ରେ ବସାଯାଇଥିବା କଣ୍ଢେଇଟିକୁ ସେମାନେ ରୁମ୍‌କୁ ଆସିବା ପରେ ବେଡ୍‌ରୁମ୍‌ରେ ପାଉଥିଲେ। କେବଳ ସେତିକି ନୁହେଁ ଘରର ବିଭିନ୍ନ ସ୍ଥାନରେ ପାର୍ଚମେଣ୍ଟ ପେପର୍‌ରେ 'ହେଲ୍ପ ମି' ଲେଖାଯାଇଥିବା ନୋଟ୍ ପାଉଥିଲେ। ଯେତେବେଳେ କି ପାର୍ଚମେଣ୍ଟ ପେପର୍ ଘରେ ନ ଥିଲା। କେବେ କେବେ ତ କଣ୍ଢେଇରେ ରକ୍ତ ଦାଗ ମିଳୁଥିଲା। ଏଭଳି ଅନେକ ଘଟଣା ପରେ ଡୋନା ଜଣେ ଗୁଣିଆଙ୍କୁ ଡାକିଥିଲେ। ସେ କହିଲେ କଣ୍ଢେଇ ଭିତରେ ୭ ବର୍ଷର ମୃତ ଝିଅ ଏନାବେଲା ହିଗିନ୍ସର ଆତ୍ମା ପ୍ରବେଶ କରିଛି, ଯାହାର ଶରୀର ସେ ରହୁଥିବା ଆପାର୍ଟମେଣ୍ଟ ନିର୍ମାଣ ପୂର୍ବରୁ ଖନନ ସମୟରେ ମିଳିଥିଲା। ଏହାପରେ ଏହି ଆତ୍ମାକୁ ତଡ଼ିବା ଲାଗି ଫାଦର ହେଗାନଙ୍କ ସହାୟତା ଲୋଡ଼ାଯାଇଥିଲା। ଫାଦର ହେଗାନ ଫାଦର କୁକ୍‌ଙ୍କ ସାହାଯ୍ୟ ନେଇଥିଲେ। ଫାଦର କୁକ୍ ପାରାନର୍ମାଲ୍ ଏକ୍ସପର୍ଟ ଏଡ ଏବଂ ଲରେନ୍ ୱାରେନ୍‌ଙ୍କୁ ଏହି କାମର ଦାୟିତ୍ୱ ଦେଇଥିଲେ। ସେମାନେ ବହୁ କଷ୍ଟରେ ଆତ୍ମା ଉପରେ କାବୁ କରିଥିଲେ। ଆଉ କଣ୍ଢେଇଟିକୁ ନିଜ ଓକଲେଟ୍ ମ୍ୟୁଜିୟମରେ କାଚ ଶୋ'କେସ୍ ଭିତରେ ରଖିଲେ। ଶୋ' କେସ୍ ବାହାରେ ହାତ ନ ଲଗେଇବାର ଚେତାବନୀ ଭରା ଲେଖା ବି ଲେଖିଲେ।

ରବର୍ଟ: ଫ୍ଲୋରିଡ଼ା, କିୱେଷ୍ଟରେ ରହୁଥିବା ରବର୍ଟ ଇଉଗିନ ଓଟୋଙ୍କର ଥିଲା ଏହି କଣ୍ଢେଇ। ତାଙ୍କ ଜେଜେବାପା ତାଙ୍କୁ ଜନ୍ମଦିନରେ ଏହି କଣ୍ଢେଇଟିକୁ ଦେଇଥିଲେ। କଣ୍ଢେଇଟି ପିନ୍ଧିଥିବା ସେଲର୍ ପୋଷାକ ଓଟୋ ପିଲାଦିନେ ପିନ୍ଧୁଥିବା ଏକ ପୋଷାକ ପରି ଥିଲା। ଓଟୋ କଣ୍ଢେଇଟିକୁ ବହୁତ ଭଲ ପାଉଥିଲେ। ଯୁଆଡ଼େ ଗଲେ ସାଙ୍ଗରେ ନେଉଥିଲେ। ତା'ସହ କଥା ହେଉଥିଲେ। ତାକୁ ଉପର ଘରର ଝରକା ପାଖରେ ରଖିଥିଲେ। କୁହାଯାଏ ସ୍କୁଲ ପିଲାମାନେ ସେଇ ବାଟ ଦେଇ ଗଲାବେଳେ କେବେ ରବର୍ଟ ଦେଖାଯାଉଥିଲା ତ କେବେ ଉଭାନ ହେଇଯାଉଥିଲା। ତେଣୁ ପିଲାମାନେ ସେ ବାଟ ଦେଇ ଯିବା ବନ୍ଦ କରିଦେଇଥିଲେ। ପରେ ଓଟୋ ଓ ତାଙ୍କ ପତ୍ନୀ ମୃତ୍ୟୁବରଣ କଲେ। କଣ୍ଢେଇ ଓ ଘରକୁ ମିର୍ଟଲ ରୟଟର୍ କିଣିଲେ। ସେମାନେ ଅନୁଭବ କଲେ କଣ୍ଢେଇଟି ଘରର ବିଭିନ୍ନ ସ୍ଥାନରେ ମିଳୁଥିଲା। ଘରେ ହସ ଶବ୍ଦ, ପାଦ ଶବ୍ଦ ଶୁଭୁଥିଲା। ସେ ଘରକୁ ଆସୁଥିବା ଲୋକ ବି କହୁଥିଲେ ରବର୍ଟର ମୁହଁର ଭାବ ପରିବର୍ତ୍ତନ ହେଉଥିଲା। ୨୦ ବର୍ଷ ପରେ ରୟଟର୍ ବି ଘରକୁ ବିକ୍ରି କରିଦେଇଥିଲେ। ଆଉ ରବର୍ଟକୁ ଇଷ୍ଟ ମାରଟିଲୋ ମ୍ୟୁଜିୟମକୁ ପ୍ରଦାନ କରାଗଲା। ମ୍ୟୁଜିୟମ୍‌କୁ ଆସିବା ପରେ ବହୁ ସଂଖ୍ୟକ ଦର୍ଶକ ଏହାକୁ ଦେଖିବାକୁ ଆସିଲେ। ତା'ର କାହାଣୀ ଫିଲ୍ମ, ଟିଭି ଶୋ'ରେ ସ୍ଥାନ ପାଇଲା।

ମେଣ୍ଡି: କାନାଡାର କୁଇସନେଲ ଆଣ୍ଡ ଡିଷ୍ଟ୍ରିକ୍ଟ ମ୍ୟୁଜିୟମରେ ଅଛି ଏହି କଣ୍ଢେଇ। ଏହାକୁ ପ୍ରଦାନ କରିଥିବା ବ୍ୟକ୍ତିଙ୍କର ଏହି କଣ୍ଢେଇ ସହ ଥିଲା କିଛି ଭୟଙ୍କର ଅନୁଭୂତି। ତେଣୁ ସେ ଏହାକୁ ନିଜଠାରୁ ଦୂରେଇ ଦେବାକୁ ଚାହିଁଥିଲେ। ଥରେ କଣ୍ଢେଇର ମାଲିକ ରାତିରେ ଶୋଇଥିବାବେଳେ ଖୁବ୍ ଜୋର୍‌ରେ ପିଲା କାନ୍ଦୁଥିବାର ଶବ୍ଦ ଶୁଣିବାକୁ ପାଇଲେ। ଶବ୍ଦଟି କଣ୍ଢେଇ ଥିବା ବେସ୍‌ମେଣ୍ଟରୁ ଆସୁଥିଲା। ହେଲେ ଘରେ କୌଣସି ଛୋଟ ପିଲା ନ ଥିଲେ। ସେ ଖୁବ୍ ଡରି ଯାଇଥିଲେ। ତଥାପି ସାହସ ବାନ୍ଧି ବେସମେଣ୍ଟକୁ ଯାଇଥିଲେ। ଆଉ ଦେଖିଲେ ସେଠି କୌଣସି ପିଲା ନ ଥିଲେ କି ମେଣ୍ଡି କଣ୍ଢେଇ ବି ନ ଥିଲା। ତେବେ ଝରକା ଖୋଲା ଥିଲା। ସକାଳ ହେବାରେ ସେ ଦେଖିଲେ ମେଣ୍ଡି ପୁଣି ଥରେ ଚାଲି ଆସିଛି। ଏଭଳି ଘଟଣା ପରେ ସେ କଣ୍ଢେଇକୁ ମ୍ୟୁଜିୟମକୁ ପ୍ରଦାନ କରିଥିଲେ। ମ୍ୟୁଜିୟମରେ ବି ମେଣ୍ଡି ଆସିବା ପରେ ସଂଗ୍ରହାଳୟ କର୍ମଚାରୀମାନେ ଅଧିକାଂଶ ସମୟ ତାଙ୍କ ମଧ୍ୟାହ୍ନ ଭୋଜନ ନ ଥିବା, ବହି, କ୍ଷେସନାରୀ ଜିନିଷ ହଜୁଥିବା ଦେଖିବାକୁ ପାଇଲେ। ତେଣୁ ମେଣ୍ଡିକୁ ଅନ୍ୟ ପ୍ରାଇଭେଟ୍ ଡିସ୍‌ପ୍ଲେକୁ ନିଆଗଲା। ପରବର୍ତ୍ତୀ ସମୟରେ ଏହି କଣ୍ଢେଇକୁ ନେଇ ଭୂତ କାହାଣୀ ରଚନା କରାଗଲା। ଲୋକେ ଆଗ୍ରହର ସହ ଏହି କଣ୍ଢେଇକୁ ଦେଖିବା ଲାଗି ସଂଗ୍ରହାଳୟ ଆସିଲେ। କୁହାଯାଏ ପର୍ଯ୍ୟଟକମାନେ କଣ୍ଢେଇର ଫଟୋ ଉତ୍ତୋଳନ କରିବାବେଳେ ବ୍ୟାଟେରୀ ଖରାପ ହେବା, ଫ୍ଲାଶ ବନ୍ଦ ହେଇଯିବା, କ୍ୟାମେରା ଆପେ ବନ୍ଦ ହେବା ଭଳି ସମସ୍ୟାର ସମ୍ମୁଖୀନ ହୁଅନ୍ତି। ଅନେକେ କୁହନ୍ତି କଣ୍ଢେଇରେ ଏକ ଛୋଟ ଝିଅର ଆତ୍ମା ରହିଛି, ଯେକି ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିବାକୁ ଚାହେଁ। ତେଣୁ ସେ ଛୋଟ ଛୋଟ ବଦ୍‌ମାସୀ କରେ। ହେଲେ କାହାର କ୍ଷତି କରେ ନାହିଁ।

ଓକିକୋ: ପାରମ୍ପରିକ ପୋଷାକ ପରିଧାନ କରିଥିବା ଏଇ ସୁନ୍ଦର କଣ୍ଢେଇକୁ ଜାପାନର ୧୭ ବର୍ଷୀୟା ଈକିଚି ସୁଜୁକି କିଣିଥିଲେ। ଏଇ କଣ୍ଢେଇକୁ ସେ ନିଜ ଦୁଇ ବର୍ଷର କୁନି ଭଉଣୀ ପାଇଁ ଆଣିଥିଲେ। ହେଲେ ଦୁର୍ଭାଗ୍ୟବଶତଃ ଏକ ବର୍ଷ ପରେ ଅତ୍ୟଧିକ ଥଣ୍ଡା କାରଣରୁ ଓକିକୋ ମୃତ୍ୟୁବରଣ କଲେ। ତେବେ ପରିବାର ସଦସ୍ୟଙ୍କ କହିବାନୁସାରେ ଓକିକୋ। ତାଙ୍କର କଣ୍ଢେଇକୁ ବହୁତ ଭଲ ପାଉଥିଲେ। ସେଥିପାଇଁ ମୃତ୍ୟୁ ପରେ ଓକିକୋର ଆତ୍ମା କଣ୍ଢେଇ ଭିତରେ ପ୍ରବେଶ କରିଲା। ପରେ ପରିବାର ଲୋକେ ଘର ଛାଡ଼ି ଅନ୍ୟତ୍ର ଚାଲିଗଲେ। ଆଉ ଓକିକୋକୁ ଏକ ମନ୍ଦିରରେ ରଖି ଦିଆଗଲା। କୁହାଯାଏ ଏଇ କଣ୍ଢେଇର କେଶ ଆପେ ବଢ଼ିଥାଏ। ତେଣୁ ଏହାର କେଶ ନିୟମିତଭାବେ କଟାଯାଏ।

କଟଜା: କଟଜା ଏକ ଶାପିତ କଣ୍ଢେଇ। ଏହି କଣ୍ଢେଇର ନାମ ୧୭୩୦ରେ ରୁଷରେ ରଖାଯାଇଥିଲା। କୁହାଯାଏ ଜଣେ ମହିଳା ଗର୍ଭବତୀ ଥିଲେ ଓ ତାଙ୍କ ପରିବାର ସଦସ୍ୟ ଚାହୁଁଥିଲେ ତାଙ୍କର ପୁତ୍ର ସନ୍ତାନ ହେଉ। କିନ୍ତୁ ସେ କନ୍ୟା ସନ୍ତାନକୁ ଜନ୍ମ ଦେଲେ। ତେଣୁ ପରିବାରବର୍ଗ କୁନି ଝିଅଟିକୁ ଜୀବନ୍ତ ଜଳାଇ ଦେଇଥିଲେ। ଏହି ଘଟଣା ପରେ ଝିଅଟିର ମା' ତା' ପାଉଁଶରେ ସେରାମିକ ଓ ପୋଲସିଲେନ ମିଶାଇ ଏକ କଣ୍ଢେଇ ତିଆରି କରିଥିଲେ, ଯାହାର ନାଁ କାଟ୍‌ଜା ଦେଲେ। ପରେ ଏହି କଣ୍ଢେଇର ରକ୍ଷା ପର ପିଢିମାନେ କଲେ। ସେମାନଙ୍କ ମତରେ କଣ୍ଢେଇଟିର ଯତ୍ନ ନ ନେଲେ ତାହା କ୍ଷତି ପହଞ୍ଚାଇପାରେ। କୁହାଯାଏ ଏହି କଣ୍ଢେଇକୁ ୨୦ ସେକେଣ୍ଡ ଚାହିଁ ରହିଲେ କଣ୍ଢେଇ ଆଖିପତା ମିଟ୍ ମିଟ୍ କରିବ। ଆଉ ଯାହା କ୍ଷେତ୍ରରେ ଏମିତି ଘଟେ ତାଙ୍କର ନିଶ୍ଚିତ ଭାବେ କିଛି କ୍ଷତି ହେବ।


କଟଜା


ରବର୍ଟ



ଏନାବେଲା



## ବର୍ଷାଦିନେ ତେଜରାତି ସାମଗ୍ରୀର ଯତ୍ନ

ବର୍ଷାଦିନେ ବାୟୁମଣ୍ଡଳ ଆର୍ଦ୍ର ରହେ। ଏଥିପାଇଁ ତେଜରାତି ସାମଗ୍ରୀ ଓଦାଳିଆ ଲାଗେ। ସେଥିପାଇଁ କିଚେନରେ ଥିବା ଖାଦ୍ୟ ସାମଗ୍ରୀ ଖରାପ ହେବା ଆଶଙ୍କା ରହିଛି। ତେଣୁ କିଚେନ ପାଇଁ କିଛି ଟିପ୍ସ ଦେଉଛୁ ଯାହା ଆପଣଙ୍କୁ ସାହାଯ୍ୟ କରିବ।


ଏହି ଦିନରେ ଲୁଣ ଏବଂ ଚିନି ପାଣି ହୋଇଯିବା ଦେଖିବାକୁ ମିଳେ। ଏହା ଦୂର କରିବାକୁ ହେଲେ କୌଣସି ପ୍ଲାଷ୍ଟିକ କିମ୍ବା ଆଲୁମିନିୟମ ଡବାରେ ରଖିବା ବଦଳରେ ଏହାକୁ କାଚର ଏୟାର ଟାଇଟ୍ କଣ୍ଟେନର୍‌ରେ ରଖିପାରିବେ। ଏହି କଣ୍ଟେନ୍‌ରେ ଆପଣ କିଛି ଚାଉଳ ପକାଇପାରିବେ ଯାହା ଓଦାଳିଆକୁ ଶୋଷିଦେବ।

ଫ୍ରିଜ୍‌ରେ ପନିପରିବା ଅଧିକ ସୁରକ୍ଷିତ ରହିନଥାଏ। ପନିପରିବାକୁ ଫ୍ରେଶ୍ ରଖିବାକୁ ହେଲେ ଜିପଲକ ବ୍ୟାଗରେ ପ୍ୟାକ କରି ରଖି ଦିଅନ୍ତୁ। ଏପରି କରିବା ଦ୍ୱାରା ପନିପରିବା ଅଧିକ ସମୟ ପର୍ଯ୍ୟନ୍ତ ଫ୍ରେଶ ରହେ। ଜିପଲକ ବ୍ୟାଗରେ ପନିପରିବା ରଖିବା ପୂର୍ବରୁ ଧ୍ୟାନ ଦିଅନ୍ତୁ ଯେ ପନିପରିବା ଓଦା ନାହିଁ ତ। ଯଦି ଏହା ଓଦା ଅଛି ତେବେ ଏହାକୁ ପ୍ରଥମେ ପେପରରେ ର୍ୟାପ କରି ରଖନ୍ତୁ।

ବର୍ଷାଦିନେ ବିସ୍କୁଟ ଆଦି ସେମେଟା ହୋଇଯାଏ। ସତେଜ ରଖିବାକୁ ହେଲେ ଏହାକୁ ଏୟାର ଟାଇଟ କଣ୍ଟେନର କିମ୍ବା ବ୍ଲଟିଙ୍ଗ ପେପରରେ ଗୁଡ଼ାଇ ରଖନ୍ତୁ। ବର୍ଷାଦିନରେ ଡାଲି, ଚାଉଳ, ସୁଜି ଆଦିରେ ପୋକ ଲାଗିବା ଆଶଙ୍କା ରହିଛି। ଏହା ଦୂର କରିବାକୁ ହେଲେ ସବୁ ସାମଗ୍ରୀକୁ ସପ୍ତାହରେ ଥରେ ଖରାରେ ରଖିବାକୁ ଭୁଲନ୍ତୁନାହିଁ।

ମସଲା ମଧ୍ୟ ଓଦାଳିଆ ଲାଗେ। ଏହା ଦୂର କରିବାକୁ ହେଲେ ଏହି ମସଲାଗୁଡ଼ିକ ଏୟାର ଟାଇଟ୍ କଣ୍ଟେନରରେ ରଖି ଖରାରେ ଶୁଖାଇଦିଅନ୍ତୁ।

# ଇଲେକ୍ଟ୍ରିକ୍ ଏୟାରକ୍ରାଫ୍ଟ



ମହାକାଶରେ ପ୍ରଯୁକ୍ତି ଦୌଡ଼ ଶୀର୍ଷରେ ପହଞ୍ଚୁଛି। ଯାତ୍ରୀ ଓ ପଣ୍ୟବାହୀ ବିମାନ, ଜେଟ୍, ଯୁଦ୍ଧବିମାନ, କୃତ୍ରିମ ଉପଗ୍ରହ ଓ ରକେଟ୍ ପ୍ରେରଣ ଆଦି ସବୁଥିରେ ପ୍ରତିଯୋଗିତା ଚାଲିଛି। ଏସବୁରେ ଜୀବାଶ୍ମ ଓ ରାସାୟନିକ ଇନ୍ଧନ ବ୍ୟବହାର ହେଉଥିବାରୁ ବାୟୁ ପ୍ରଦୂଷଣ ହେଉଛି। ଭୂପୃଷ୍ଠରେ ଯାତାୟାତ କରୁଥିବା ଗାଡ଼ିମୋଟର ଓ ରେଳଗାଡ଼ିଗୁଡ଼ିକୁ ଇଲେକ୍ଟ୍ରିକ୍ ଚାଳିତ ଯାନରେ ପରିଣତ କରି ପରିବେଶକୁ ପ୍ରଦୂଷଣମୁକ୍ତ କରିବା ଦିଗରେ ବହୁବିଧ ପଦକ୍ଷେପ ନିଆଗଲାଣି। କେତେକାଂଶରେ ଏହା ସଫଳ ହୋଇଛି। ଏବେ ଏକ ନୂଆ ଦିଗ ଫିଟିଛି। ଆମେରିକାର ଭର୍ମୋଣ୍ଟ ପ୍ରଦେଶର ସାଉଥ୍ ବର୍ଲିଂଟନସ୍ଥିତ ଇଲେକ୍ଟ୍ରିକ୍ ଏରୋସ୍ପେଶ୍ କମ୍ପାନୀ ବିଟା ଟେକ୍ନୋଲୋଜି ନିର୍ମିତ ଅଲିଆ ସି-୩୦୦ ପ୍ରଥମ ଥର ବିଦ୍ୟୁତ୍‌ଚାଳିତ ଏୟାରକ୍ରାଫ୍ଟ ଉଡ଼ାଇ ଇତିହାସ ସୃଷ୍ଟି କରିଛି। ନ୍ୟୁୟର୍କର ଇଷ୍ଟ ହାମ୍ପଟନଠାରୁ ଜନ୍ ଏଫ୍ କେନେଡି ବିମାନବନ୍ଦର ପର୍ଯ୍ୟନ୍ତ ପ୍ରାୟ ୧୩୦ କିଲୋମିଟର ଦୂରତାକୁ ୩୦ ମିନିଟରେ ଉଡ଼ିଥିବା ଇଲେକ୍ଟ୍ରିକ୍ ଏୟାରକ୍ରାଫ୍ଟରେ ୪ ଜଣ ଯାତ୍ରୀ ଥିଲେ। ଏହାର ଚାର୍ଜିଂ ପାଇଁ ମାତ୍ର ୮ ଆମେରିକୀୟ ଡଲାର ବା ଭାରତୀୟ ମୁଦ୍ରାରେ ୬୯୪ ଟଙ୍କା ଖର୍ଚ୍ଚ ହୋଇଥିବା ସୂଚନା ମିଳିଛି। ପାଇଲଟ ଓ ଏୟାରକ୍ରାଫ୍ଟ ପାଇଁ ଯାତ୍ରୀଙ୍କୁ କିଛି ଅର୍ଥ ଦେବାକୁ ପଡ଼ିବ, ଯାହା ଇନ୍ଧନଚାଳିତ ବିମାନଠାରୁ ବହୁତ କମ୍ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ସାଧାରଣତଃ ସମାନ ଦୂରତାକୁ ହେଲିକପ୍ଟର ଯାତ୍ରା କଲେ ପାରମ୍ପରିକ ଇନ୍ଧନ ଖର୍ଚ୍ଚ ୧୬୦ ଆମେରିକୀୟ ଡଲାର ବା ୧୩ ହଜାରରୁ ଅଧିକ ଟଙ୍କା ଲାଗିଥାଏ। ଇଲେକ୍ଟ୍ରିକ୍ ଏୟାରକ୍ରାଫ୍ଟ ଉଡ଼ାଣ ଶସ୍ତା ଓ ପରିବେଶ ଉପଯୋଗୀ ବୋଲି ସମ୍ପୃକ୍ତ ବିଟା ଟେକ୍ନୋଲୋଜିର ପ୍ରତିଷ୍ଠାତା ତଥା ସିଇଓ କେଲି କ୍ଲାର୍କ କହିଛନ୍ତି। ୨୦୧୭ରେ ପ୍ରତିଷ୍ଠା କରାଯାଇଥିବା ଏହି କମ୍ପାନୀର ବିଦ୍ୟୁତ୍‌ଚାଳିତ ଏୟାରକ୍ରାଫ୍ଟର ଉଡ଼ାଣ ସଫଳତାର ସହ ପରୀକ୍ଷା କରାଯାଇଥିଲା। ତେବେ ୨୩ ଜୁନ୍‌ରେ ଏହାର ପ୍ରଥମ ଯାତ୍ରୀବାହୀ ଉଡ଼ାଣ ହେବା ପରେ ଆଗକୁ ଅନ୍ୟ କମ୍ପାନୀମାନେ ବିଦ୍ୟୁତ୍‌ଚାଳିତ ଏୟାରକ୍ରାଫ୍ଟ ନିର୍ମାଣ କରିବାକୁ ଆଗଭର ହେବେ ବୋଲି ଆଲୋଚନା ହେଲାଣି।

ନିକଟରେ ଅହମଦାବାଦଠାରେ ଘଟିଯାଇଥିବା ଏୟାର ଇଣ୍ଡିଆର ଉଡ଼ାଜାହାଜ ଦୁର୍ଘଟଣା ବିଷୟ ସମସ୍ତଙ୍କ ମନରେ ତାଜା ହୋଇ ରହିଛି। ବିମାନଟି କେଉଁ ସ୍ଥିତିରେ ବିପଦର ସମ୍ମୁଖୀନ ହେଲା ସେହି ବିଷୟରେ ଅଧିକ ତଥ୍ୟ ଆସିପାରି ନାହିଁ। କିନ୍ତୁ ଜଣାପଡ଼ିଥିଲା ଯେ, ସେହି ବିମାନରେ ଅଧିକ ଇନ୍ଧନ ଥିଲା। ଯେତେବେଳେ ସେଥିରେ ବୈଷୟିକ ତ୍ରୁଟିକୁ ପାଇଲଟ ଅନୁଭବ କଲେ ଓ ଏୟାର ଟ୍ରାଫିକ୍ କଣ୍ଟ୍ରୋଲରଙ୍କ ସହ ଯୋଗାଯୋଗ ସମସ୍ୟା ଉପୁଜୁଥିବା ଜଣାଇଲେ, ଠିକ୍ ସେହି ସମୟରେ ବିମାନ ଜଳିଗଲା। ଖବର ଆସିଲା ସେଥିରେ ପର୍ଯ୍ୟାପ୍ତ ତୈଳ ଭରିଦିଆଯାଇଥିବାରୁ ତାହା ଅସ୍ୱାଭାବିକ ସ୍ଥିତି ସୃଷ୍ଟି କଲା। ଏପଟେ ଏହି ମର୍ମନ୍ତୁଦ ଦୁର୍ଘଟଣାର ୮ ଦିନ ପରେ ଏୟାର ଇଣ୍ଡିଆର କେତେକ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଏକ ପାର୍ଟିରେ ନାଚୁଥିବାର ଦୃଶ୍ୟ ଏବେ ଭାଇରାଲ ହୋଇଛି। ଟାଟା କମ୍ପାନୀର ଏୟାର ଇଣ୍ଡିଆ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଏ ପ୍ରକାର ବ୍ୟବହାର ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି।

ଏବର ସ୍ଥିତିରେ ଇଲେକ୍ଟ୍ରିକ୍ ଏୟାରକ୍ରାଫ୍ଟ ଆକାଶରେ ଉଡୁଥିବା ବ୍ୟକ୍ତିଙ୍କ ଚାହିଦାକୁ ସହସା ମେଣ୍ଟାଇବ ବୋଲି କହି ହେଉନାହିଁ। ଏହାସହ ଏହାର ସୁରକ୍ଷା ଓ ଦକ୍ଷତା ମଧ୍ୟ ସମ୍ପୂର୍ଣ୍ଣ ପରଖାଯାଇ ପାରିନାହିଁ। ୨୦୧୭ରେ ନିର୍ମିତ କମ୍ପାନୀର ଉତ୍ପାଦ ଏବେ ପ୍ରାରମ୍ଭିକ ଲକ୍ଷ୍ୟସ୍ଥଳରେ ପହଞ୍ଚୁଛି। ପୁଣି ତା'ର ବେଗକୁ ଦେଖିଲେ ଗନ୍ତବ୍ୟସ୍ଥଳରେ ଶୀଘ୍ର ପହଞ୍ଚିବା ଲାଗି ଆହୁରି ଗବେଷଣାର ଆବଶ୍ୟକତା ରହିଛି। ତେଣୁ ଏକ ମିଶନ ନେଇ ପ୍ରତ୍ୟେକ ରାଷ୍ଟ୍ର ଓ ଘରୋଇ ଏରୋସ୍ପେସ୍ କମ୍ପାନୀ ନିଜ ସ୍ତରରେ ଏ ଦିଗରେ ଉଦ୍ୟମ କଲେ ବିଦ୍ୟୁତ୍‌ଚାଳିତ ଏୟାରକ୍ରାଫ୍ଟ ଅଧିକ ବିକଶିତ ହୋଇପାରନ୍ତା। ଏରୋସ୍ପେସ୍ କମ୍ପାନୀଗୁଡ଼ିକ ଏ ଦିଗରେ ସେମାନଙ୍କ ଗବେଷଣା ଓ ବିକାଶ (ଆର୍ ଆଣ୍ଡ୍ ଡି) ବିଭାଗକୁ ଅଧିକ ତ୍ୱରାନ୍ୱିତ କରିବା ଦରକାର। ସବୁ ବଡ଼ ବିମାନ ଚଳାଚଳ କମ୍ପାନୀ କେବଳ ଲାଭ ପଛରେ ଧାଇଁଛନ୍ତି। ସ୍ପେସ୍ ମିଶନଠାରୁ ଆରମ୍ଭ କରି ମହାକାଶ ପର୍ଯ୍ୟଟନ ପର୍ଯ୍ୟନ୍ତ ବିପୁଳ ଅର୍ଥ ବିନିଯୋଗ କରାଯାଉଛି। ତେବେ ଏହି ଦୌଡ଼ରେ ଯାତ୍ରୀଙ୍କ ସୁରକ୍ଷା ଦିଗ ଯେଭଳି ପଛରେ ନ ପଡ଼ିଯାଉ ତାହା ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦିଆଯିବା ଉଚିତ।



# ଆୟୁଷ ବଢ଼ାଉଥିବା ଖାଦ୍ୟ







କୁହାଯାଏ ଖାଦ୍ୟ ହିଁ ଜୀବନ, ଖାଦ୍ୟ ହିଁ ଔଷଧ। ପ୍ରକୃତିରେ ଭରିରହିଛି ଜୀବଜନ୍ତୁଙ୍କ ପାଇଁ ଅସୁମାରି ଆହାର। ସେଥିରୁ କ'ଣ ଖାଇଲେ ଶରୀର ଦୀର୍ଘଦିନ ନିରାମୟ ରହିବ ତାହା ମଣିଷ ସମୟ କ୍ରମେ ନିଜର ଅଭିଜ୍ଞତା ଓ ପରୀକ୍ଷା ନିରୀକ୍ଷା ଦ୍ୱାରା ଜାଣିପାରିଛି। ଶରୀରକୁ ନିରୋଗ ରଖିବାକୁ ସେଥିରୁ କେତୋଟି ହେଲା ଏଇ ସବୁ।

***ଅକ୍ଷୋଟ:*** ଅକ୍ଷୋଟ ବା ୱାଲନଟ୍ ଶରୀର ଓ ମସ୍ତିଷ୍କ ପାଇଁ ଆବଶ୍ୟକ ଗୁରୁତ୍ୱପୂର୍ଣ୍ଣ ଅତି ସୂକ୍ଷ୍ମ ଉପାଦାନରେ ଭରପୁର। ମଣିଷ ସ୍ନାୟୁ ପ୍ରଣାଳୀକୁ ସହାୟକ ହେବା ପାଇଁ ଅନେକ ସ୍ୱାସ୍ଥ୍ୟକର ଚର୍ବି ଆବଶ୍ୟକ। ଦୈନିକ ଅନ୍ୟୁନ ୧/୪ କପ୍ ଅକ୍ଷୋଟ ଖାଇଲେ ଶରୀର ଆବଶ୍ୟକ କରୁଥିବା ଖଣିଜ ଲବଣ ମିଳିଯିବ।

***କାଗେଜି:*** ଯଦି ଭିଟାମିନ ସି' ଅଭାବ ରହୁଥାଏ ତା' ପାଇଁ ସର୍ବୋତ୍ତମ ଖାଦ୍ୟ ହେଲା କାଗେଜି ଲେମ୍ବୁ। କାଗେଜିର ଥିବା ଫ୍ଲେବୋଣ୍ଡିସ କର୍କଟ ରୋଗ କୋଷିକାଗୁଡ଼ିକୁ ବଢ଼ାଇ ଦିଏ ନାହିଁ। ଏହା ଛଡା ଫ୍ଲୁ ସମେତ ଅନ୍ୟାନ୍ୟ କେତେକ ରୋଗ ପ୍ରତିରୋଧ କରେ।

***ବ୍ରୋକୋଲି:*** ଭିଟାମିନ କେ'ର ଗୋଟିଏ ବିଚିତ୍ର ଉତ୍ସ ହେଉଛି ବ୍ରକୋଲି। ଏହା ହାଡ଼ ଟାଣ କରିବା ସହ ଅସୁସ୍ଥତା ବିରୋଧରେ ଲଢ଼େଇ କରିବାକୁ ଶରୀରରେ ପ୍ରତିରକ୍ଷା ବ୍ୟବସ୍ଥାକୁ ସହାୟକ ହୁଏ। କିନ୍ତୁ ଏହାକୁ ଠିକ୍ ରୂପେ ରାନ୍ଧିବା ଉଚିତ।

***ବିନ୍‌ସ:*** ବିନ୍‌ସରେ ଥିବା ନିରାମିଷ ପୁଷ୍ଟିସାର ଅତି ସରଳ ଉପାୟରେ ଶରୀର ଗଠନ କରେ। ଏଥିରେ ଥିବା ତନ୍ତୁ ଅନ୍ୟାନ୍ୟ ଖାଦ୍ୟ ହଜମ କରିବା ନିମନ୍ତେ ଶରୀରକୁ ସହାୟତା କରିଥାଏ। ଏଥିରେ ଥିବା ଚର୍ବି ମଧ୍ୟ ମନ୍ଦ ନୁହେଁ।

***ବିଲାତି ବାଇଗଣ:*** କର୍କଟ ରୋଗ କୋଷିକା ସହ ଲଢ଼େଇ କରିବାରେ ବିଭିନ୍ନ କିସମର ବିଲାତି ବାଇଗଣର କାର୍ଯ୍ୟ ବଡ଼ ବିଚିତ୍ର। ଏହା ଶରୀରରୁ ରକ୍ତ ଉନ୍ନତ କରିବାକୁ ଆବଶ୍ୟକ ଉପାଦାନ ଯୋଗାଇଥାଏ। ପ୍ରତି ସପ୍ତାହରେ ଜଣେ ଅନ୍ତତଃ ଗୋଟିଏ ବଡ଼ ବିଲାତି ବାଇଗଣ ଖାଇବା ଉଚିତ।

**ରସୁଣ:** କଞ୍ଚା ରସୁଣ ନ ଖାଇଲେ ଶରୀର ଅସୁବିଧାରେ ପଡ଼ିଥାଏ। ହାନିକାରକ ଅଣୁଜୀବ ମାରି ଶରୀରକୁ ସମସ୍ତ ପ୍ରକାର ପରଜୀବୀ କୀଟାଣୁ ମୁକ୍ତ ରଖିଥାଏ ରସୁଣ। ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବଢ଼ାଇଥାଏ।

**ପାଳଙ୍ଗ:** ସବୁଜ ରଙ୍ଗର ଏହି ପରିବାରେ ରହିଛି ବିପୁଳ ପରିମାଣର ଲ୍ୟୁଟିନ। ପାଳଙ୍ଗ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି, ଦୃଷ୍ଟିଶକ୍ତି ଓ ମହିଳାଙ୍କ ସ୍ୱାସ୍ଥ୍ୟ ଉତ୍ତମ ରହେ। ଲ୍ୟୁଟିନ ଡିମ୍ବାଣୁ ପ୍ରକ୍ରିୟାରେ ସହାୟତା କରିବା ସହ ଅନ୍ତଃସତ୍ତ୍ୱା କରିବାରେ ସହାୟକ ହୋଇଥାଏ।

**ଅଲିଭ ତେଲ:** ତେଲମାନଙ୍କ ମଧ୍ୟରେ ଅଲିଭ ବା ଜଳପାଇ ତେଲ ସର୍ବୋତ୍କୃଷ୍ଟ। ସବୁ ପ୍ରକାର ସ୍ୱାସ୍ଥ୍ୟକର ଚର୍ବି, ଏସିଡ ଏବଂ ଫ୍ଲେବଣ୍ଡିସରେ ଏହା ଭରପୁର। ଏହା ହୃତ୍‌ପିଣ୍ଡର ତତ୍ତ୍ୱ ନେବା ସହ ରକ୍ତବାହୀ ନଳୀକୁ ଟାଣ କରିଥାଏ। ତେଣୁ ସବୁଦିନ ଟିକିଏ ଅଲିଭ ତେଲ ଖାଇବା ଉଚିତ।

***ବସାଦହି:*** ସବୁଦିନ ଦୁଗ୍ଧ ପିଇବା ଉଚିତ୍। ଏହା ଶରୀରର ମାଇକ୍ରୋଫ୍ଲୋରାର ତତ୍ତ୍ୱ ନେବା ସହ ମଣିଷ ଖାଉଥିବା ଖାଦ୍ୟ ହଜମ କରିବାରେ ସହାୟକ ହୋଇଥାଏ।

*ଅଣ୍ଡା:* ଅଣ୍ଡାର ଧଳା ଅଂଶ ପୁଷ୍ଟିସାରରେ ଭରପୁର। କିନ୍ତୁ କେଶର ଶରୀର ପାଇଁ ହାନିକାରକ ହୋଇଥାଏ ବୋଲି କୁହାଯାଏ। ସେ ଯାହା ହେଉ ନିକଟରେ କରାଯାଇଥିବା ଅଧ୍ୟୟନରୁ ଜଣାଯାଇଛି ଯେ, କେଶର ସହ ଧଳାଅଂଶ ମିଶାଇ ଖାଇଲେ ସ୍ୱାସ୍ଥ୍ୟ ପାଇଁ ଅତି ଭଲ।

# ମହୀଶୂର ଚାମୁଣ୍ଡେଶ୍ୱରୀ ମନ୍ଦିର



**ଭାରତବର୍ଷର ପର୍ଯ୍ୟଟନ ମାନଚିତ୍ରରେ ଏକ ପ୍ରମୁଖ ସ୍ଥାନ ଅଧିକାର କରିଛି କର୍ଣ୍ଣାଟକ ରାଜ୍ୟର ମହୀଶୂର ସହର। ମହୀଶୂରର ରାଜ ଉଆସ, ବିଶାଳ ରାଜଭବନ, ବୃନ୍ଦାବନ ଗାର୍ଡେନ ସହିତ ଏଠାକାର ଚାମୁଣ୍ଡି ପାହାଡ଼ ଉପରେ ଥିବା ଚାମୁଣ୍ଡେଶ୍ୱରୀ ମନ୍ଦିରଟି ବିଶ୍ୱର ସମସ୍ତ ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରିଥାଏ...**

କର୍ଣ୍ଣାଟକର ମହୀଶୂର ସହରରୁ ପ୍ରାୟ ୧୩ କି.ମି. ଗଲେ ପଡ଼େ ଚାମୁଣ୍ଡି ପାହାଡ଼। ଆଉ ଏହି ପାହାଡ଼ ଉପରେ ରହିଛି ପ୍ରସିଦ୍ଧ ଚାମୁଣ୍ଡେଶ୍ୱରୀ ମନ୍ଦିର, ଯାହାକି ଏକ ଶକ୍ତିପୀଠ ଭାବେ ମଧ ପରିଚିତ। କିମ୍ବଦନ୍ତୀ ଅନୁଯାୟୀ, ଦକ୍ଷ କନ୍ୟା ସତୀ ପିତାଙ୍କ ଅନିଚ୍ଛା ସତ୍ତ୍ୱେ ବିବାହ କରିଥିଲେ ଦେବ ଦେବ ମହାଦେବଙ୍କୁ। ଥରେ ପିତାଙ୍କ ଯଜ୍ଞରେ ବିନା ନିମନ୍ତ୍ରଣରେ ପହଞ୍ଚିଲା ପରେ ନିଜ ପତିଙ୍କ ଅପମାନ ସହି ନ ପାରି ସେହି ଯଜ୍ଞକୁଣ୍ଡରେ ଆତ୍ମାହୁତି ଦେଲେ ସତୀ। ନିଜର ପ୍ରାଣପ୍ରିୟା ପତ୍ନୀଙ୍କ ମୃତ୍ୟୁର ଖବର ପାଇ ପ୍ରଚଣ୍ଡ କ୍ରୋଧିତ ମହାଦେବ ଯଜ୍ଞସ୍ଥଳରେ ପହଞ୍ଚି ଦକ୍ଷଙ୍କୁ ହତ୍ୟାକରି ଯଜ୍ଞ ନଷ୍ଟକରିବା ପରେ ସତୀଙ୍କର ମୃତ ଶରୀରକୁ କାନ୍ଧରେ ପକେଇ ତାଣ୍ଡବ ନୃତ୍ୟକରି ପୃଥିବୀ ସାରା ଘୂରି ବୁଲିବାରୁ ପୃଥିବୀ ଥରହର କମ୍ପିଉଠିଲା। ଶେଷରେ ଦେବଗଣଙ୍କ ଅନୁରୋଧରେ ପ୍ରଭୁ ବିଷ୍ଣୁଙ୍କୁ ମହାଦେବଙ୍କ କାନ୍ଧରେ ଥିବା ସତୀଙ୍କର ମୃତ ଶରୀରକୁ ଖଣ୍ଡ ଖଣ୍ଡ କରି କାଟି ପକାଇବାକୁ ପଡ଼ିଥିଲା ଶିବଙ୍କ ରାଗ ଶାନ୍ତ କରିବା ପାଇଁ। ମାତା ସତୀଙ୍କ ଶରୀରର ଅଂଶମାନ ଯେଉଁ ଯେଉଁ ସ୍ଥାନରେ ପଡ଼ିଲା ପରବର୍ତ୍ତୀ ସମୟରେ ସେଠାରେ ଗଢ଼ି ଉଠିଥିଲା ଶକ୍ତିପୀଠମାନ। କଥିତ ଅଛି ଯେ, ବିଷ୍ଣୁଙ୍କ ଚକ୍ରରେ ଛେଦିତ ମାତା ସତୀଙ୍କ ମୃତଶରୀରର କେଶଗୁଚ୍ଛ ଏହି ସ୍ଥାନରେ ପତିତ ହୋଇଥିଲା। ତେଣୁ ପରେ ଏହା ଏକ ପରମ ପବିତ୍ର ଶକ୍ତିପୀଠ ଭାବରେ ପରିଗଣିତ ହେଲା।

ନାମକୁ ନେଇ କିମ୍ବଦନ୍ତୀ

ମନ୍ଦିରର ଏପରି ନାମକରଣକୁ ନେଇ ଥିବା କିମ୍ବଦନ୍ତୀ କହେ ଯେ, ଏକଦା ଦୁଷ୍ଟ ମହିଷାସୁରର ଅତ୍ୟାଚାରରେ ଅତିଷ୍ଠ ହୋଇ ଦେବଗଣ ହେମଗିରି ପର୍ବତରେ ଯଜ୍ଞ ଆୟୋଜନ କଲେ। ଯଜ୍ଞ ଅଗ୍ନିରୁ ସମ୍ଭୂତା ଦେବୀ ଦୁର୍ଗାଙ୍କୁ ନିଜ ନିଜର ଅସ୍ତ୍ରଶସ୍ତ୍ର ସହ ସିଂହ ବାହନ ଦେଇ ମହିଷାସୁରକୁ ବଧକରି ପୃଥିବୀର ଭାରା ନିବାରଣ କରିବା ନିମନ୍ତେ ସ୍ତୁତି କଲେ। ସେମାନଙ୍କ ଅନୁରୋଧ ରକ୍ଷାକରି ଜଗତ୍‌ଜନନୀ ମା'ଦୁର୍ଗା ଏହି ଚାମୁଣ୍ଡି ପର୍ବତର ଶୀର୍ଷରେ ପ୍ରବଳ ପ୍ରତାପୀ ମହିଷାସୁର ସହ ୧୦ଦିନ ଧରି ଯୁଦ୍ଧକରି ଶେଷରେ ତାକୁ ବଧ କରିଥିଲେ। ସେହି ତଥ୍ୟ ଅନୁଯାୟୀ, ଏଠାରେ ମହିଷାସୁରର ଏକ ବିରାଟ ପ୍ରତିମୂର୍ତ୍ତି ଥିବାର ଦେଖିବାକୁ ମିଳେ। ସେହିପରି କଥା ଅଛି ଯେ, ମହିଷାସୁରର ସେନାପତି ରକ୍ତବୀର୍ଯ୍ୟକୁ ବଧ କରିବା ନିମନ୍ତେ ଦେବୀ ଚାମୁଣ୍ଡା ରୂପ ଧାରଣ କରି ରକ୍ତବୀର୍ଯ୍ୟର ରକ୍ତପାନ କରିଥିଲେ, ତେଣୁ ମାତା ଏଠାରେ ଚାମୁଣ୍ଡେଶ୍ୱରୀ ନାମରେ ପୂଜିତ ହେଉଛନ୍ତି।

ମନ୍ଦିର ନିର୍ମାଣର ଇତିହାସ

ଐତିହାସିକ ତଥ୍ୟ ଅନୁଯାୟୀ, ମା'ଚାମୁଣ୍ଡେଶ୍ୱରୀ ଦେବୀଙ୍କ ମୂଳ ମନ୍ଦିରଟି କୁଆଡ଼େ ଦ୍ୱିତୀୟ ଶତାବ୍ଦୀରେ ନିର୍ମାଣ କରାଯାଇଥିଲା। କିନ୍ତୁ ପୁରୁଣା ନନ୍ଦୀ ମୂର୍ତ୍ତିଙ୍କ ଫଟୋ ବ୍ୟତୀତ ଏହାର କୌଣସି ଠିକ୍ ତଥ୍ୟ ମିଳେନାହିଁ। ବରଂ ଏହି ପୁରାତନ ମନ୍ଦିରଟି ଦ୍ୱାଦଶ ଶତାବ୍ଦୀରେ ହୟଶାଳ ବଂଶର ରାଜାମାନଙ୍କ ଦ୍ୱାରା ନିର୍ମିତ ହୋଇଥିଲା ବୋଲି ଏତିହାସିକ ପ୍ରମାଣ ମିଳେ। ସେହି ଐତିହାସିକ ତଥ୍ୟ ଅନୁଯାୟୀ, ସପ୍ତଦଶ ଶତାବ୍ଦୀରେ ବିଜୟନଗର ସାମ୍ରାଜ୍ୟର ରାଜାମାନଙ୍କ ଦ୍ୱାରା କୁଆଡ଼େ ଏହି ମନ୍ଦିରଟି ପୁନଃ ନିର୍ମିତ ହୋଇଥିଲା। ତା'ସହ ମନ୍ଦିରର ମିନାର ଏବଂ ଭାଙ୍ଗିରୁଜି ଯାଇଥିବା ବିରାଟ ନନ୍ଦୀଙ୍କର ମୂର୍ତ୍ତିକୁ ମରାମତି କରାଯାଇଥିଲା। ସେହିପରି ଭୂମିରୁ ପ୍ରାୟ ୩୦୦୦ ଫୁଟ ଉଚ୍ଚତାରେ ଥିବା ଏହି ମନ୍ଦିରକୁ ସଂଯୋଗ କରୁଥିବା ପ୍ରାୟ ୧୦୦୦ ପାହାଚକୁ ୧୬୫୯ ମସିହାରେ ନିର୍ମାଣ କରାଯାଇଥିବାର ବି ତଥ୍ୟ ରହିଛି। ଏଠାରେ ମହାଦେବଙ୍କ ବାହନ ନନ୍ଦୀଙ୍କର ଏକାଧିକ ମୂର୍ତ୍ତି ଥିବାର ଦେଖିବାକୁ ମିଳେ। ତନ୍ମଧ୍ୟରୁ ମନ୍ଦିରକୁ ଯିବା ପାଇଁ ଥିବା ୭୦୦ତମ ପାହାଚ ନିକଟରେ ରହିଥିବା ୨୪ ଫୁଟ ଲମ୍ବା ଓ ୧୫ ଫୁଟ ଉଚ୍ଚତା ବିଶିଷ୍ଟ ଗ୍ରାନାଇଟ୍ ପଥରରେ ନିର୍ମିତ ନନ୍ଦୀ ମୂର୍ତ୍ତିଟି ଭକ୍ତଗଣଙ୍କୁ ଖୁବ୍ ଆକୃଷ୍ଟ କରିଥାଏ।

ମନ୍ଦିରର ଗଠନ ଶୈଳୀ


ମା' ଚାମୁଣ୍ଡେଶ୍ୱରୀଙ୍କ ମୁଖ୍ୟ ମନ୍ଦିରଟି ଚତୁଷ୍କୋଣୀୟ। ଏହା ଦ୍ରାବିଡ଼ ଶୈଳୀରେ ନିର୍ମିତ। ଏଥିରେ ରହିଛି ମୁଖ୍ୟ ଦ୍ୱାର, ନବରଙ୍ଗ ହଲ୍, ଅନ୍ତରାଳ ମଣ୍ଡପ, ଠାକୁରାଣୀଙ୍କ ଆସ୍ଥାନ ଏବଂ ପ୍ରକାର ବା ପ୍ରଭା। ପ୍ରବେଶ ଦ୍ୱାର ସମ୍ମୁଖରେ ରହିଛି ପିରାମିଡ୍ ଭଳି ସାତସ୍ତରୀୟ ଗୋପୁର ଏବଂ ଆସ୍ଥାନ ଉପରେ ରହିଛି ଏକ ଛତ୍ର (ବିମାନ)। ମନ୍ଦିରର ଦ୍ୱାରଟି ସମ୍ପୂର୍ଣ୍ଣ ଭାବରେ ରୁପା ଛାଉଣି ହୋଇ ସେଥିରେ ମା'ଙ୍କର ଅନେକ ରୂପ ଖୋଦିତ ହୋଇଛି। ଦ୍ୱାରର ଦକ୍ଷିଣକୁ ରହିଛି ଶ୍ରୀଗଣେଶଙ୍କର ଏକ ଛୋଟ ମୂର୍ତ୍ତି। ଦ୍ୱାରର ଦୁଇ ପାର୍ଶ୍ୱରେ ରହିଛନ୍ତି ଦୁଇ ଦ୍ୱାରପାଳ। ଟିକିଏ ଆଗକୁ ରହିଛି ଏକ ପିଢ଼ା ଭଳି ଆକୃତି; ଯେଉଁଥିରେ ମା'ଙ୍କର ପାଦ ଚିହ୍ନ ରହିଛି। ଆସ୍ଥାନକୁ ସାମ୍ନା କରି ରହିଛି ଏକ ଛୋଟ ନନ୍ଦୀ ମୂର୍ତ୍ତି। ମନ୍ଦିରର ଭିତର କାନ୍ଥକୁ ଲାଗି ରହିଛନ୍ତି ଆଞ୍ଜନେୟ ହନୁମାନ। ଦୁଇ ପାର୍ଶ୍ୱରେ ରହିଛନ୍ତି ଦିଗପାଳକ ନନ୍ଦିନୀ ଏବଂ କମଳିନୀ। ମନ୍ଦିରର ଶୀର୍ଷ ଦେଶରେ ରହିଛି ସାତଗୋଟି ସୁବର୍ଣ୍ଣ କଳସ ସହ ମନ୍ଦିରର ବିରାଟ ଧ୍ୱଜା। ସେହିପରି ମହାଦେବଙ୍କୁ ସମର୍ପିତ ଏକ ମନ୍ଦିର ବି ରହିଛି ଏଠାରେ। ପୁଣି ପାହାଡ଼ର ପାଦଦେଶରେ ରହିଛି ମା' ଚାମୁଣ୍ଡେଶ୍ୱରୀଙ୍କ ଭଗିନୀ ଜ୍ୱାଳା ମାଳିନୀ ଶ୍ରୀ ତ୍ରିପୁରା ସୁନ୍ଦରୀଙ୍କର ଛୋଟ ମନ୍ଦିରଟିଏ। ପାହାଡ଼ର ଶୀର୍ଷଦେଶରୁ ମହୀଶୂର ପ୍ୟାଲେସ ଏବଂ କରଞ୍ଜି ଲେକ୍ ଖୁବ୍ ସୁନ୍ଦର ଭାବରେ ଦୃଶ୍ୟମାନ ହୁଏ।

ପୂଜାପାର୍ବଣ

ଆଷାଢ଼ ଶୁକ୍ରବାର, ଦୁର୍ଗାପୂଜା, ଚାମୁଣ୍ଡି ଜୟନ୍ତୀ ହେଉଛି ଏହି ମନ୍ଦିରର ପ୍ରସିଦ୍ଧ ପାର୍ବଣ। ଏହି ଚାମୁଣ୍ଡି ଜୟନ୍ତୀ ଦିନ ମା'ଙ୍କର ସ୍ୱର୍ଣ୍ଣ ନିର୍ମିତ ଚଳନ୍ତି ପ୍ରତିମା ମହୀଶୂରର ମହାରାଜାଙ୍କ ପ୍ରଦତ୍ତ ସ୍ୱର୍ଣ୍ଣ ଅଳଙ୍କାରରେ ସୁସଜ୍ଜିତହୋଇ ଏକ ସ୍ୱତନ୍ତ୍ର ସୁନା ଛାଉଣି ହୋଇଥିବା ପାଲିଙ୍କିରେ ବସି ମନ୍ଦିର ପରିକ୍ରମା କରିଥାନ୍ତି। ଶାରଦୀୟ ଦୁର୍ଗାପୂଜା ବା ଦଶହରା ମହୀଶୂରର ଏକ ପ୍ରସିଦ୍ଧ ପର୍ବ। ନବରାତ୍ରିରେ ଦେବୀ ନବଦୁର୍ଗାଙ୍କର ନଅଟି ବେଶ ହୋଇ ପୂଜା ପାଆନ୍ତି। ନବରାତ୍ରିର ସପ୍ତମୀ ଦିନ ଦେବୀ କାଳରାତ୍ରି ରୂପରେ ପୂଜା ପାଆନ୍ତି ଏବଂ ଏହିଦିନ ମହୀଶୂର ରାଜାଙ୍କ ଉଆସରେ ଥିବା ଟ୍ରେଜେରିରୁ ରାଜାଙ୍କର ପ୍ରଦତ୍ତ ସୁନା, ରୁପା, ହୀରା, ନୀଳା, ମୋତି, ମାଣିକ୍ୟ ଖଚିତ ଗହଣା ସବୁ ଅଣାଯାଇ ଦେବୀଙ୍କୁ ବେଶ କରାଯାଏ।

କେବେ ଓ କେମିତି ଯିବେ

ଚାମୁଣ୍ଡେଶ୍ୱରୀ ମନ୍ଦିରଟି ମହୀଶୂର ସହରର ମୁଖ୍ୟ ସଡ଼କଠାରୁ ପ୍ରାୟ ୧୩ କି.ମି. ଏବଂ ବେଙ୍ଗାଲୁରୁଠାରୁ ପ୍ରାୟ ୧୫୪ କି.ମି. ଦୂରରେ ଅବସ୍ଥିତ। ଏହାର ନିକଟତମ ରେଳଷ୍ଟେଶନ ହେଉଛି ମହୀଶୂର ଜଙ୍କ୍‌ସନ୍ ରେଲୱେ ଷ୍ଟେଶନ ଏବଂ ନିକଟତମ ବିମାନବନ୍ଦର ହେଉଛି ମହୀଶୂର ଏୟାରପୋର୍ଟ। ଏଥିସହ ସହରର ସମସ୍ତ ସ୍ଥାନରୁ ସିଟି ବସ୍ ସେବା ମଧ୍ୟ ରହିଛି। ପର୍ଯ୍ୟଟକଙ୍କ ରହିବା ପାଇଁ ମଧ ଏଠାରେ ପର୍ଯ୍ୟାପ୍ତ ସୁବିଧା ସୁଯୋଗ ରହିଛି। ଭକ୍ତଙ୍କ ପାଇଁ ମା' ଚାମୁଣ୍ଡେଶ୍ୱରୀଙ୍କ ଦର୍ଶନ ସମୟ ରହିଛି ସକାଳ ୭.୩୦ରୁ ଦ୍ୱିପ୍ରହର ୨ଟା, ଅପରାହ୍ନ ୩.୩୦ରୁ ସନ୍ଧ୍ୟା ୬ଟା ଏବଂ ସନ୍ଧ୍ୟା ୭.୩୦ରୁ ରାତ୍ରି ୯ଟା ପର୍ଯ୍ୟନ୍ତ।





## ୬୦୦ ବର୍ଷର ପୁରୁଣା ମନ୍ଦିର

ସାରା ବିଶ୍ୱରେ ଅନେକ ମନ୍ଦିର ରହିଛି। କେତେକ ମନ୍ଦିର ବିଶେଷତ୍ୱ କାରଣରୁ ସାରା ବିଶ୍ୱରେ ଜଣାଶୁଣା। କୌଣସି ମନ୍ଦିର ନିଜର ନିର୍ମାଣଶୈଳୀ ତ ଆଉ କେତେକ ନିଜର ରହସ୍ୟ ପାଇଁ ଜଣାଶୁଣା। ଆମ ଦେଶରେ ଥିବା କେତେକ ପ୍ରାଚୀନ ମନ୍ଦିର ଏବେ ବି ଅଖଣ୍ଡ ରହିଛି। ଏଠାରେ ସମୁଦ୍ର ମଝିରେ ଅବସ୍ଥିତ ଏଭଳି ଏକ ମନ୍ଦିର ସମ୍ପର୍କରେ ସୂଚନା ଦିଆଯାଇଛି। ୬୦୦ ବର୍ଷର ପୁରୁଣା ଏହି ମନ୍ଦିର ସମ୍ପର୍କରେ କୁହାଯାଉଛି ଯେ ଏହାକୁ ବିଷଧର ସାପମାନେ ଘେରି ରହି ସୁରକ୍ଷା ଦେଉଛନ୍ତି। ଏହି ମନ୍ଦିର ଇଣ୍ଡୋନେସିଆ ସମୁଦ୍ର ମଝିରେ ଅବସ୍ଥିତ ଏକ ଉଚ୍ଚା ଚଟାଣରେ ନିର୍ମିତ ହୋଇଛି। ଏହା 'ତନାହ ଲୋତ ମନ୍ଦିର' ନାମରେ ଜଣାଶୁଣା। ସ୍ଥାନୀୟ ଭାଷାରେ ତନାହ ଲୋତର ଅର୍ଥ ସମୁଦ୍ର ଭୂମିରେ ନିର୍ମିତ।

ଏହି ମନ୍ଦିର ନିର୍ମାଣରେ ବ୍ୟବହୃତ ହୋଇଥିବା ଶିଳା ୧୯୮୦ ମସିହାରେ ଦୁର୍ବଳ ହୋଇ ଭାଙ୍ଗିବାରେ ଲାଗିଥିଲା। ପରେ ପରେ ମନ୍ଦିର ଓ ଏହାର ଆଖାପାଖ ଅଞ୍ଚଳକୁ ବିପଦପୂର୍ଣ୍ଣ ଘୋଷଣା କରାଯାଇଥିଲା। ଜାପାନ ସରକାର ଏହାକୁ ରକ୍ଷା କରିବା ଲାଗି ଇଣ୍ଡୋନେସିଆ ସରକାରକୁ ସାହାଯ୍ୟ କରିଥିଲେ। ପରେ ଏହି ଚଟାଣର ପାଖାପାଖି ଏକ ତୃତୀୟାଂଶ ଅଂଶକୁ କୃତ୍ରିମ ଚଟାଣରେ ଘୋଡ଼ାଇ ଦିଆଯାଇଥିଲା। ୧୫ଶ ଶତାବ୍ଦୀରେ ତନାହ ଲୋତ ମନ୍ଦିରର ନିର୍ମାଣ ନିରର୍ଥ ନାମକ ଜଣେ ପୂଜାରୀ କରିଥିଲେ। ସମୁଦ୍ର କୂଳରେ ଚାଲି ଚାଲି ସେ ଏହି ସ୍ଥାନରେ ପହଞ୍ଚିଥିଲେ। ଏହି ସ୍ଥାନର ସୌନ୍ଦର୍ଯ୍ୟ ତାଙ୍କୁ ଏତେ ପସନ୍ଦ ଆସିଥିଲା ଯେ ସେ ସେଠାରେ ରାତି କଟାଇଥିଲେ। ସେ ଆଖପାଖରେ ଥିବା ଧୀବରଙ୍କୁ ଏହି ସ୍ଥାନରେ ସମୁଦ୍ର ଦେବତାଙ୍କ ମନ୍ଦିର ନିର୍ମାଣ କରିବାକୁ ଅନୁରୋଧ କରିଥିଲେ। ଏହି ମନ୍ଦିରରେ ପୂଜାରୀ ନିରର୍ଥଙ୍କୁ ମଧ ପୂଜା କରାଯାଇଥାଏ। ଇଣ୍ଡୋନେସିଆ ବୁଲି ଆସିଲେ ପର୍ଯ୍ୟଟକମାନେ ଏହି ମନ୍ଦିର ବୁଲିବାକୁ ଭୁଲନ୍ତି ନାହିଁ। କାରଣ ଏହି ମନ୍ଦିରର ସୌନ୍ଦର୍ଯ୍ୟ ବାସ୍ତବରେ ବହୁତ ମନୋରମ। ଏହି ମନ୍ଦିରର ସୌନ୍ଦର୍ଯ୍ୟ ଦେଖିବାକୁ ପ୍ରତି ବର୍ଷ ଲକ୍ଷ ଲକ୍ଷ ପର୍ଯ୍ୟଟକ ଆସିଥାନ୍ତି।

## ପ୍ରଥମ ଥର ପାଇଁ ଓଡ଼ିଶାରେ ୱାର୍ଲ୍ଡ ଆଥ୍ଲେଟିକ୍ କଣ୍ଟିନେଣ୍ଟାଲ୍ ଟୁର୍

# ଭାଗନେବେ ୧୦ରୁ ଊର୍ଦ୍ଧ୍ୱ ଦେଶର ୧୫୦ କ୍ରୀଡ଼ାବିତ୍

ଭୁବନେଶ୍ୱର: ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍ ଠାରେ ଆୟୋଜିତ ହେବ ୱାର୍ଲ୍ଡ ଆଥ୍ଲେଟିକ୍ କଣ୍ଟିନେଣ୍ଟାଲ୍ ଟୁର୍ (ବ୍ରୋଞ୍ଜ ଲେଭଲ)। ଅଗଷ୍ଟ ୧୦ରେ ଓଡ଼ିଶାରେ ପ୍ରଥମ ଥର ପାଇଁ ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତା ଆୟୋଜନ କରାଯିବ ବୋଲି ଶୁକ୍ରବାର କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି।



କଳିଙ୍ଗ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ କହିଛନ୍ତି ଯେ ଏହି ପ୍ରତିଯୋଗିତାରେ ଭାରତ ସମେତ ତୁର୍କମେନିସ୍ତାନ, ଭୁଟାନ୍, ଫିଲିପାଇନ୍ସ, ଦକ୍ଷିଣ କୋରିଆ, ମାଲେସିଆ, ଇରାକ୍, ଭିଏତ୍‌ନାମ, ରିପବ୍ଲିକ ଅଫ୍ କାମେରୁନ୍, ଶ୍ରୀଲଙ୍କା, ଇରାନ୍ ଏବଂ ମାଳଦ୍ୱୀପ ଆଦି ୧୦ରୁ ଅଧିକ ଦେଶର ୧୫୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାରେ ସମୁଦାୟ ୨୦ଟି ଇଭେଣ୍ଟର ଆୟୋଜନ କରାଯିବ।ଓଡ଼ିଶାରେ ପ୍ରଥମ ଥର ପାଇଁ ଏହି ପ୍ରତିଯୋଗିତା ଆୟୋଜନ ହେବା ଆମ ପାଇଁ ଗର୍ବ ଓ ଗୌରବର ବିଷୟ। ଏହାକୁ ସଫଳତାର ସହ ଆୟୋଜନ କରିବା ନିମନ୍ତେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ପ୍ରଦାନ, କ୍ରୀଡ଼ାବିତ୍‌ଙ୍କର ସୁରକ୍ଷିତ ରହଣି, ଆତିଥ୍ୟ ଠାରୁ ନେଇ ଲଜିଷ୍ଟିକ୍ସ ପର୍ଯ୍ୟନ୍ତ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯାଉଛି। ଓଡ଼ିଶାର କ୍ରୀଡ଼ାବିତ୍‌ମାନେ ମଧ୍ୟ ନିକଟ ଅତୀତରେ ଆୟୋଜିତ ହୋଇଥିବା ବିଭିନ୍ନ ଅନ୍ତର୍ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ସଫଳତା ହାସଲ କରି ରାଜ୍ୟ ପାଇଁ ଗୌରବ ଅର୍ଜନ କରିଛନ୍ତି। ୱାର୍ଲ୍ଡ ଆଥ୍ଲେଟିକ୍ କଣ୍ଟିନେଣ୍ଟାଲ୍ ଟୁର୍ (ବ୍ରୋଞ୍ଜ ଲେଭଲ) ପ୍ରତିଯୋଗିତାରେ ମଧ୍ୟ ଓଡ଼ିଶାର କ୍ରୀଡ଼ାବିତ୍‌ମାନେ ଭଲ ପ୍ରଦର୍ଶନ କରିବେ ବୋଲି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ ଆଶାବ୍ୟକ୍ତ କରିଛନ୍ତି। ଓଡ଼ିଶାରେ ଏହି ପ୍ରତିଯୋଗିତା ସଫଳତାର ସହ ଆୟୋଜନ କରାଯିବ ବୋଲି ଆଥ୍ଲେଟିକ୍ସ ଫେଡେରେସନ୍ ଅଫ୍ ଇଣ୍ଡିଆର ସେକ୍ରେଟାରୀ ଜେନେରାଲ୍ ସନ୍ଦୀପ ମେହେଟା ମତପ୍ରକାଶ କରିଛନ୍ତି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଆଥ୍ଲେଟିକ୍ସ ଫେଡେରେସନ୍ ଅଫ୍ ଇଣ୍ଡିଆର ଟ୍ରେଜେରର୍ ବି.ଇ ଷ୍ଟେନ୍‌ଲି ଜୋନ୍ସ ପ୍ରମୁଖ ଉପସ୍ଥିତ ଥିଲେ।

## କାର୍ଟିସ୍ କାମ୍ଫର୍‌ଙ୍କ ବିଶ୍ୱ କୀର୍ତ୍ତିମାନ

ନୂଆଦିଲ୍ଲୀ: ଆୟରଲାଣ୍ଡ ଅଲରାଉଣ୍ଡର୍ କାର୍ଟିସ୍ କାମ୍ଫର୍ ଏକ ବିଶ୍ୱ କୀର୍ତ୍ତିମାନର ଅଧିକାରୀ ହୋଇଛନ୍ତି। ପେସାଦାର କ୍ରିକେଟ୍‌ରେ ଲଗାତାର ପାଞ୍ଚ ବଲ୍‌ରେ ୫ ୱିକେଟ୍ ଅକ୍ତିଆର କରିଛନ୍ତି। ଏହି ଉପଲବ୍ଧି ହାସଲ କରିବାରେ ସେ ପ୍ରଥମ ଖେଳାଳି



ହୋଇଛନ୍ତି। କାମ୍ଫର୍ ଇଣ୍ଟର୍-ପ୍ରୋଭିନ୍ସିଆଲ୍ ଟି-୨୦ ଟ୍ରଫିରେ ମନ୍‌ଷ୍ଟର୍ ରେଡ୍ ପକ୍ଷରୁ ଖେଳି ନର୍ଥ-ୱେଷ୍ଟ୍ ୱାରିୟର୍ସ ବିପକ୍ଷରେ ଏହି କାରନାମା କରିଛନ୍ତି। କାମ୍ଫର୍ ଏହି ପାଞ୍ଚ ୱିକେଟ୍ ନିଜ ସ୍ପେଲର ଦ୍ୱିତୀୟ ଏବଂ ତୃତୀୟ ଓଭରରେ ନେଇଛନ୍ତି। ଦ୍ୱାଦଶ ଓଭରର ପଞ୍ଚମ ବଲରେ ସେ ଜାରେଡ୍ ୱିଲ୍‌ସନ୍‌ଙ୍କୁ ବୋଲ୍ଡ କରିବା ପରେ ଅନ୍ତିମ ବଲ୍‌ରେ ଗ୍ରାହାମ୍ ହ୍ୟୁମ୍‌ଙ୍କୁ ଏଲବିଡବ୍ଲ୍ୟୁ ଆଉଟ୍ କରିଥିଲେ। ଏହାପରେ ଚତୁର୍ଦ୍ଦଶ ଓଭରର ପ୍ରଥମ ବଲରେ ଆଣ୍ଡି ମ୍ୟାକ୍‌ବ୍ରାଇନ୍ କ୍ୟାଚ୍ ଆଉଟ୍ ହୋଇଥିଲେ। ପରବର୍ତ୍ତୀ ବଲରେ ରାବି ମିଲର୍ ୱିକେଟ୍ ପଛରେ ଧରାପଡ଼ିଥିଲେ। ଏହାପରେ ଓଭରର ତୃତୀୟ ବଲରେ ଜୋଶ୍ ୱିଲ୍ସନ୍ ବୋଲ୍ଡ ଆଉଟ୍ ହୋଇଥିଲେ। ମ୍ୟାଚ୍ ପରେ କାମ୍ଫର୍ କହିଛନ୍ତି, ମୁଁ ବୁଝିପାରୁ ନଥିଲି କ'ଣ ଘଟୁଥିଲା। ମୁଁ କେବଳ ମୋ ବୋଲିଂ ଉପରେ ଭରସା ରଖିଥିଲି ଏବଂ ସବୁ କିଛି ସାଧାରଣ ଭାବେ ଘଟିଯାଇଥିଲା। ଏହି ମ୍ୟାଚ୍‌ରେ ସେ ୨.୩ ଓଭରରେ ମାତ୍ର ୧୬ ରନ୍ ଦେଇ ୫ ୱିକେଟ୍ ନେଇଥିଲେ। ୧୮୯ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ନର୍ଥ-ୱାରିୟର୍ସ ଟିମ୍ ୮୭/୫ ସ୍କୋରରୁ ୮୮ ରନ୍‌ରେ ଅଲଆଉଟ୍ ହୋଇଥିଲା।

## ଇଂଲଣ୍ଡରେ ପ୍ରଥମ ଥର ଟି-୨୦ ସିରିଜ୍ ଜିତିଲା ଭାରତୀୟ ମହିଳା ଟିମ୍

ଲଣ୍ଡନ: ଭାରତୀୟ ମହିଳା କ୍ରିକେଟ୍ ଟିମ୍ ଇତିହାସ ରଚିବା ସହିତ ଇଂଲଣ୍ଡ ମାଟିରେ ପ୍ରଥମ ଥର ଟି-୨୦ ସିରିଜ୍ ଜିତିଛି। ଟିମ୍ ଚତୁର୍ଥ ଟି-୨୦ ମ୍ୟାଚ୍‌ରେ ଇଂଲଣ୍ଡ ମହିଳା ଟିମ୍‌କୁ ୬ ୱିକେଟ୍‌ରେ ହରାଇ ଦେଇଛି। ଏହା ସହିତ ଟିମ୍ ପାଞ୍ଚ ମ୍ୟାଚ୍‌ର ସିରିଜ୍‌ରେ ୩-୧ର ଅପରାଜେୟ ଅଗ୍ରଣୀ ହାସଲ କରିଛି। ୧୫ ରନ୍ ଦେଇ ଦୁଇଟି ୱିକେଟ୍ ନେଇଥିବା ରାଧା ଯାଦବଙ୍କୁ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ପୁରସ୍କାର ମିଳିଛି। ସେହିପରି ଅଫ୍ ସ୍ପିନର୍ ଦୀପ୍ତି ଶର୍ମା ମହିଳା ଅନ୍ତର୍ଜାତୀୟ କ୍ରିକେଟ୍‌ରେ ୩୦୦ ୱିକେଟ୍ ପୂରଣ କରିଛନ୍ତି। ପଞ୍ଚମ ତଥା ଅନ୍ତିମ ଟି-୨୦ ମ୍ୟାଚ୍ ଶନିବାର ଏଜବାଷ୍ଟନ୍‌ରେ ଖେଳାଯିବ। ଏହାପରେ ତିନି ମ୍ୟାଚ୍‌ର ଦିନିକିଆ ସିରିଜ୍ ଆରମ୍ଭ ହେବ। ଖେଳାଯାଇଥିବା ମ୍ୟାଚ୍‌ରେ ଇଂଲଣ୍ଡ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇ ୭ ୱିକେଟ୍ ହରାଇ ୧୨୬ ରନ୍ କରିଥିଲା। ସୋଫିଆ ଡଙ୍କ୍‌ଲୀ ସର୍ବାଧିକ ୨୨ ରନ୍‌ର ଇନିଂସ୍ ଖେଳିଥିଲେ। ଭାରତ ପକ୍ଷରୁ ରାଧା ଯାଦବ ଓ ଶ୍ରୀ ଚରଣୀ ଦୁଇଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ସ୍ମୃତି ମନ୍ଧାନା (୩୨) ଓ ଶେଫାଳୀ ବର୍ମା (୩୧)ଙ୍କ ଇନିଂସ୍ ଦମ୍‌ରେ ଭାରତ ୧୭ ଓଭରରେ ୪ ୱିକେଟ୍ ହରାଇ ବିଜୟ ହାସଲ କରିଥିଲା।

## ୱେଷ୍ଟଇଣ୍ଡିଜ୍‌ର ବିଶ୍ୱ ରେକର୍ଡ ଭାଙ୍ଗିଲା ଭାରତ

ଲଣ୍ଡନ: ଭାରତ ଓ ଇଂଲଣ୍ଡ ମଧ୍ୟରେ ଗୁରୁବାରଠାରୁ ସ୍ଥାନୀୟ ଲର୍ଡ୍ସ ଷ୍ଟାଡିୟମ୍‌ରେ ତୃତୀୟ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି। ଏହି ମ୍ୟାଚ୍‌ରେ ଇଂଲଣ୍ଡ କ୍ୟାପଟେନ୍ ବେନ୍ ଷ୍ଟୋକ୍ସ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଟସ୍ ହାରିବା ସହିତ ଭାରତ ଏକ ବିରଳ ରେକର୍ଡ କରିଛି। ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଟିମ୍ ଇଣ୍ଡିଆର ଏହା ଲଗାତାର ୧୩ ମ୍ୟାଚ୍‌ରେ ଟସ୍ ପରାଜୟ। ଭାରତ ୨୦୨୫ ଜାନୁଆରୀରୁ ଜୁଲାଇ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ଟସ୍ ହାରିଛି। ଏହା ସହିତ ଭାରତ ୱେଷ୍ଟଇଣ୍ଡିଜ୍‌ର ବିଶ୍ୱ ରେକର୍ଡ ଭଙ୍ଗ କରିଛି। ଏହା ପୂର୍ବରୁ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଲଗାତାର ସର୍ବାଧିକ ଟସ୍ ହାରିବା ରେକର୍ଡ ୱେଷ୍ଟଇଣ୍ଡିଜ୍ ନାମରେ ଥିଲା। ଏହି କ୍ୟାରିବିୟାନ୍ ଟିମ୍ ୧୯୯୯ ଫେବୃଆରୀ ୨ରୁ ଏପ୍ରିଲ୍ ୨୧ ମଧ୍ୟରେ ଲଗାତାର ୧୨ ଥର ଟସ୍ ହାରିଥିଲା।

ଏହା ମଧ୍ୟରେ ଭାରତ ରୋହିତ ଶର୍ମାଙ୍କ ନେତୃତ୍ୱରେ ୮ ଥର, ଶୁଭମନ ଗିଲ୍‌ଙ୍କ ନେତୃତ୍ୱରେ ତିନିଥର ଏବଂ ସୂର୍ଯ୍ୟକୁମାର ଯାଦବଙ୍କ ଅଧୀନରେ ଦୁଇଥର ଟସ୍ ହାରିଛି। ଇଂଲଣ୍ଡ ଗସ୍ତରେ ଭାରତ ତୃତୀୟ ଟେଷ୍ଟ ମ୍ୟାଚ୍ ଖେଳୁଥିବା ବେଳେ ଗିଲ୍‌ଙ୍କ ନେତୃତ୍ୱରେ ଟିମ୍‌କୁ ତିନୋଟି ଯାକ ମ୍ୟାଚ୍‌ରେ ଟସ୍ ହାରିବାକୁ ପଡ଼ିଛି।

## ସ୍ଥଗିତ ହେବ ବାଂଲାଦେଶ ପ୍ରିମିୟର୍ ଲିଗ୍!

ଢାକା: ବାଂଲାଦେଶ ପ୍ରିମିୟର୍ ଲିଗ୍ (ବିପିଏଲ)ର ୨୦୨୫ ସଂସ୍କରଣ ସ୍ଥଗିତ ହୋଇପାରେ। ବିପିଏଲ୍ ଅଧ୍ୟକ୍ଷ ମେହବୁବ୍ ଅନାମ୍ କହିଛନ୍ତି ଆଗାମୀ ସଂସ୍କରଣ ଡିସେମ୍ବର-ଜାନୁଆରୀ ପରିବର୍ତ୍ତେ ଆସନ୍ତା ବର୍ଷ ମେ'ରେ ହୋଇପାରେ। ଶେର୍-ଏ-ବାଂଲା ନାସ୍‌ନାଲ୍ ଷ୍ଟାଡିୟମ୍‌ରେ ବୋର୍ଡ ଡାଇରେକ୍ଟରଙ୍କ ଜରୁରୀ ବୈଠକ ପରେ ମେହବୁବ୍ ଗୁରୁବାର ଏହି ସୂଚନା ଦେଇଛି। ସେ କହିଛନ୍ତି ୨୦୨୬ ଆରମ୍ଭରେ ଦେଶରେ ହେବାକୁ ଥିବା ସାଧାରଣ ନିର୍ବାଚନକୁ ଧ୍ୟାନରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ଦିନକ ପୂର୍ବରୁ ଚିଫ୍ ଆଡ୍‌ଭାଇଜର ପ୍ରଫେସର ମହମ୍ମଦ ୟୁନୁସ୍ ଡିସେମ୍ବର ମଧ୍ୟରେ ନିର୍ବାଚନ ପ୍ରସ୍ତୁତି ପୂରା କରିବା ନିମନ୍ତେ ସମସ୍ତ ଏଜେନ୍ସିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମେହବୁବ୍ କହିଛନ୍ତି, ବିପିଏଲ୍‌ର ତାରିଖ ନିର୍ବାଚନ କାରଣରୁ ପରିବର୍ତ୍ତିତ ହୋଇପାରେ। ଏହା ଡିସେମ୍ବରରେ ହୋଇପାରେ କିମ୍ବା ମେ' ମାସରେ କରାଯିବାର ଯୋଜନା ରହିଛି। ସରକାରଙ୍କ ନିଷ୍ପତ୍ତି ପରେ ଆମେ ପରବର୍ତ୍ତୀ ପଦକ୍ଷେପ ନେବୁ। ଚଳିତ ଥର ବିସିବି ଏକ ଅନୁଭବୀ ସ୍ପୋର୍ଟ୍ସ ମାର୍କେଟିଂ ଏଜେନ୍ସିକୁ ନିଯୁକ୍ତ କରିବାକୁ ଚାହୁଁଛି, ଯାହାର ପୂର୍ବରୁ ଅନ୍ତର୍ଜାତୀୟ ଟି-୨୦ ଲିଗ୍ ଆୟୋଜନର ଅଭିଜ୍ଞତା ଥିବ। ମେହବୁବ୍ କହିଛନ୍ତି, ପୂର୍ବରୁ ଆମେ କେତେକ ଅନଭିଜ୍ଞ ଏଜେନ୍ସିଙ୍କୁ ଦାୟିତ୍ୱ ଦେଇଥିଲୁ, ଯାହା ଫଳରେ କ୍ଷତି ହୋଇଥିଲା। ଏବେ ଅନୁଭବୀ ଏବଂ ଯୋଗ୍ୟ ଏଜେନ୍ସିକୁ ହିଁ ମନୋନୀତ କରିବୁ। ସେ କହିଛନ୍ତି ବିପିଏଲ୍‌ର ଏକ ମଜଭୁତ ପରିଚୟ ହେବା ଉଚିତ। ବିସିବି ଚଳିତ ଥର ଲିଗ୍‌ର ବ୍ରାଣ୍ଡ ଭାଲ୍ୟୁ ବୃଦ୍ଧି ପାଇଁ ପୂରା ପ୍ରୟାସ କରିବ।ସେହିପରି ଟୁର୍ଣ୍ଣାମେଣ୍ଟର ଭେନ୍ୟୁ ବୃଦ୍ଧି ପାଇଁ ସେ ସୂଚନା ଦେଇଛନ୍ତି। ପୂର୍ବରୁ ବିପିଏଲ୍‌ର ମ୍ୟାଚ୍ ତିନିଟି ଭେନ୍ୟୁ ଢାକା, ଚଟଗ୍ରାମ ଏବଂ ସିଲହଟ୍‌ରେ ଖେଳାଯାଉଥିଲେ। ବୋଗୁରା ଓ ଖୁଲ୍‌ନା ଷ୍ଟାଡିୟମ୍‌ର ଯାଞ୍ଚ ହେଉଛି।


SAI EDUCATIONAL INSTITUTE
Regd. No.:7201800035/2018
9938751102, 9438842452
Spoken English
B.Ed. (2 Yrs Regular Under ANU)
Govt.Entrance:
B.Ed. / CT
OTET/OSSTET/CTET
Competitive Coaching:
BANKING
SSC
RAILWAY
Arunodaya Market, Link Road, Cuttack-12


ଆପଣଙ୍କର ଅଞ୍ଚଳର ଖବର କିମ୍ବା ନିଜର ଆଲେଖ୍ୟ ନିମ୍ନଲିଖିତ ଇ-ମେଲ୍‌ରେ ପଠାଇପାରିବେ।


ଯୋଗାଯୋଗ -
ରଣଜିତ୍ ପଟ୍ଟନାୟକ
ମୁଖ୍ୟ ପ୍ରତିନିଧି
Email:
mediatejaswini@gmail.com



**TARIFF**
Full Page B/W-10000
Half Page B/W-5000
Quarter Page B/W- 2500



Printed, Published & Owned by **Prof.Jatindra Nath Das** Bhubaneswar -751002, Dist.- Khordha, Orissa, Published at Plot No.: A/8, Bijaya Vihar, Nuagao P.o Sisupalgarh, Bhubaneswar-751002 Ph : 9937307725, Email: mediatejaswini@gmail.com
**Printed at :** Chandan Printers, Plot No.-3, Gopabandhu Chhak, Unit-8, Bhubaneswar, Odisha
**Editor : Sanja Sameer Mohapatra, ସମ୍ପାଦକ : ସଞ୍ଜ ସମୀର ମହାପାତ୍ର**